# ବାଲିଘାଟରେ ଜିଲ୍ଲାପାଳ, ଏସ୍‌ପିଙ୍କ ରାତିଅଧିଆ ଚଢ଼ଉ

ବଲାଙ୍ଗିର,୧୬।୫(ସମିସ)



ବଲାଙ୍ଗିର ଜିଲ୍ଲାରେ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲିଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ରାତି ଅଧରେ ଜିଲ୍ଲାରେ ଥିବା ବିଭିନ୍ନ ନଦୀପଠାରୁ ହାଇୱା, ଟ୍ରାକ୍ଟରରେ ଚାଲାଣ ହେଉଛି। ଏହି ସବୁ ବେଆଇନ କାରବାର ପ୍ରଶାସନ ନାକ ତଳେ ଚାଲିଆସୁଛି। ପୁଲିସ, ଖଣି ଓ ରାଜସ୍ୱ ବିଭାଗ କାଁ ଭାଁ ଚଢଉ କରି ବାହାବା ନେଉଛି। ବିଶେଷ କରି ସୁକତେଲ, ଅଙ୍ଗ, ଲାନ୍ତ, ତେଲ ନଦୀ ପଠାରେ ଥିବା ଏକାଧିକ ବେଆଇନ ବାଲି ଘାଟରୁ ଏହି ଲୁଟ୍ ଚାଲିଛି। ତେବେ ବିଳମ୍ବରେ ହେଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଛି। ଶୁକ୍ରବାର ବିଳମ୍ବିତ ରାତିରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନେତୃତ୍ୱରେ ବିଭିନ୍ନ ବାଲି ଘାଟରେ ଚଢଉ କରାଯାଇଥିଲା। ବହୁ ସଂଖ୍ୟାରେ ଗାଡି ଓ ଡ୍ରାଇଭରଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହି ଗାଡି ମାଲିକ ଓ ଚାଲାଣ କରୁଥିବା ଅସଲି ମାଫିଆକୁ ପୁଲିସ ଗିରଫ କରିବ କି ନାହିଁ ତାହା ଏବେ ସନ୍ଦେହ।

ବଲାଙ୍ଗିର ଦେଇ ବହି ଯାଇଥିବା ସୁକତେଲ, ଅଙ୍ଗ, ତେଲ, ଲାନ୍ତ ନଦୀ ବାଲି ଘାଟରୁ ଗତ କିଛି ବର୍ଷ ହେଲା ବେଆଇନ ଭାବେ ବାଲି ଚାଲାଣ ହେଉଛି। ସଇଁନ୍ତଲା, ଆଗଲପୁର, ସଦର, ପୁଇଁନ୍ତଲା, ଟିଟିଲାଗଡ ଥାନା ଅଞ୍ଚଳରୁ ଏହି ଚାଲାଣ ହେଉଛି। କାଁ ଭାଁ କେତେବେଳେ ପୁଲିସ କିମ୍ବା ରାଜସ୍ୱ ବିଭାଗ ବାଲି ଚାଲାଣ ଉପରେ ଚଢଉ କରି ବାହାବା ନେଉଛି; କିନ୍ତୁ ଏହି କାରବାର କମିବା ବଦଳରେ ବଢି ଚାଲିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ବାଲି ମାଫିଆଙ୍କୁ ସାବାଡ କରାଯିବ ବୋଲି ମନ୍ତ୍ରୀ ଦୃଢ ପ୍ରତିକ୍ରିୟା ଦେଉଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ତାହାର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ବିଶେଷ କରି ଅଙ୍ଗନଦୀ ପଠାରୁ ସାଲେଭଟା,

- ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢଉ
- ୧୦ରୁ ଅଧିକ ଗାଡ଼ି ଜବତ, ଡ୍ରାଇଭର ଅଟକ
- ମାଲିକ, ମାଫିଆଙ୍କ ଉପରେ ପୁଲିସର ନଜର

ରଫାଖାଲ, ଫଟାମୁଣ୍ଡା, ପୁଇଁନ୍ତଲା ସୁକତେଲ ନଦୀ ପଠାରୁ ବିଲେଇସର୍ଡା, ଚନ୍ଦନଭାଟି ଘାଟରୁ ଏହି ଚାଲାଣ ଅଧିକ ମାତ୍ରାରେ ହେଉଛି। ରାତି ଅଧରେ ହାଇୱା ଜରିଆରେ ଶହ ଶହ ଟ୍ରିପ୍ ବାଲି ଚୋରୀ କରି ମାଫିଆ ଚାଲାଣ କରି କୋଟି କୋଟି ଟଙ୍କା ଆୟ କରିଛନ୍ତି। ତେବେ ଏହି କାରବାର ଓ ପ୍ରଶାସନିକ ଅଧିକାରୀଙ୍କ ଭିତିରି ସଂପର୍କକୁ ନେଇ ପ୍ରଶାସନର ଛବି ଖରାପ ହୋଇଥିଲା। କିଛି ଦିନ ତଳେ ଏକ ବାଲି କାରବାରକୁ ନେଇ ବଲାଙ୍ଗିର ଖଣି ବିଭାଗ ଅଧିକାରୀଙ୍କୁ ପାଟଣାଗଡ ପୁଲିସ ଅଟକ ରଖିଥିଲା। ସେ କୁଆଡେ ଗାଡି ଛାଡିବା ପାଇଁ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। .ସେହିପରି ଦୁଇ ଦିନ ତଳେ ପୁଇଁନ୍ତଲା ଥାନାରେ ଏକ ହାଇୱାକୁ ପୁଲିସ ଅଟକାଇବା ଓ ପରେ ଛାଡିଦେବା ଘଟଣା ମଧ୍ୟ ପ୍ରଶ୍ନ ଉଠାଇଥିଲା। ତେବେ ଏହି କାରବାର ଚରମସୀମାରେ ପହଞ୍ଚିବା ପରେ ବିଳମ୍ବରେ ପ୍ରଶାସନର ନିଦ ଭାଙ୍ଗିଛି। ଶୁକ୍ରବାର ମଧ୍ୟରାତ୍ରୀରେ ଜିଲ୍ଲାପାଳ ଗୌରଵ ଶିବାଜୀ ଇସାଲୱର, ଏସପି ଅଭିଳାଷ ଜି.ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ବେଆଇନ ଭାବେ ଚାଲିଥିବା ବାଲିଘାଟରେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ପହଞ୍ଚି ବାଲି ଚାଲାଣ କରୁଥିବା ଜେସିବି, ଟ୍ରାକ୍ଟର ଓ ହାଇୱାକୁ ଜବତ କରିଛନ୍ତି। ପ୍ରାୟ ୧୦ରୁ ଅଧିକ ଗାଡିକୁ ପୁଲିସ ବିଭିନ୍ନ ଥାନାରେ ଅଟକ ରଖିଛି। ସମ୍ପୃକ୍ତ ଗାଡି ଡ୍ରାଇଭରମାନଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ତେବେ ପୁଲିସ ଏହି କିଛି ଡ୍ରାଇଭରଙ୍କୁ ଗିରଫ କରି ଚୁପ୍ ରହିବ ନା ଜବତ ହୋଇଥିବା ଗାଡି ମାଲିକ, ବେଆଇନ ବାଲିଘାଟ ଚଳାଇଥିବା ବାଲି ମାଫିଆଙ୍କୁ ଶୀଘ୍ର ଗିରଫ କରିବ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ସେହିପରି ଏହି ଚଢଉ ପରେ ବେଆଇନ ବାଲି କାରବାର ବନ୍ଦ ହେବ ନା କିଛି ଦିନ ପରେ ପୁଣି ଏହା ଆରମ୍ଭ ହେବ ତାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ତେବେ ସେ ଯାହା ହେଉନା କାହିଁକି ବିଳମ୍ବରେ ହେଲେ ମଧ୍ୟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଏହି ଚଢଉକୁ ନେଇ ଲୋକେ ପ୍ରଶଂସା କରିଛନ୍ତି। ନିୟମିତ ଏହିଭଳି ଚଢଉ କରାଗଲେ ନିହାତି ଭାବେ ବାଲି ଚାଲାଣ ଉପରେ ରୋକ ଲାଗିବ ବୋଲି ଲୋକେ ମତ ରଖିଛନ୍ତି।

## ପୁରପଲ୍ଲୀରେ ସାବିତ୍ରୀ ଓଷା ପାଳିତ



ଖପ୍ରାଖୋଲ,୧୬।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପୁରପଲ୍ଲୀରେ ସାବିତ୍ରୀ ଓଷା ପାଳିତ ହୋଇଛି। ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସଧବା ନାରୀମାନେ ଦିନସାରା ଓପାସରେ ରହି ପୂଜା ପାଠ କରିଛନ୍ତି। ପୁରାଣ କଥା ଅନୁସାରେ ସାବିତ୍ରୀ ଏହି ଦିନ ନିଜ ସ୍ୱାମୀ ସତ୍ୟବାନଙ୍କୁ ଯମଙ୍କ ଠାରୁ ନିଜ ସତୀତ୍ୱ ବଳରେ ଫେରାଇ ଆଣିଥିଲେ। ସେବେଠାରୁ ସଧବାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ ପାଳନ କରୁଛନ୍ତି। ଏହି ଅବସରରେ ଖପ୍ରାଖୋଲର ମନ୍ଦିର, ମଣ୍ଡପରେ ଗ୍ରାମର ସଧବା ନାରୀମାନେ ପୂଜା ଅର୍ଚ୍ଚନା କରିଥିଲେ।

## କଣ୍ଟାବାଞ୍ଜିରେ ଶ୍ରୀ ଗଙ୍ଗା ମାଈ ପୂଜା ଆରମ୍ଭ



କଣ୍ଟାବାଞ୍ଜି,୧୬।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ସର୍ବ ପୁରାତନ ମନ୍ଦିର ଶ୍ରୀ ଗଙ୍ଗା ମାଈ ମନ୍ଦିରରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସ୍ଥାନୀୟ ରେଲୱେ ପଡ଼ିଆଠାରେ ଥିବା ମାଆଙ୍କ ମନ୍ଦିର ପରିସରରେ ଏହି ପୂଜା ଅର୍ଚ୍ଚନା ହେଉଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୁମ୍‌ଧାମରେ ଏହି ପର୍ବ ପାଳିତ ହେଉଛି। ଗୁରୁବାର ମାଆଙ୍କୁ ଆହ୍ୱାନ କରାଯାଇଥିଲା। ପ୍ରତେକ ଦିନ ଅପରାହ୍ନରେ ମା'ଙ୍କ ୯ଟି ଛତର ନଗର ପରିକ୍ରମା କରୁଛି। ମାନସିକଧାରୀ ଏହାକୁ ମୁଣ୍ଡରେ ବୋହି ମା'ଙ୍କ ଆଶୀର୍ବାଦ ନେଉଛନ୍ତି। ଛତର ନଗର ପରିକ୍ରମା ବେଳେ ପ୍ରତେକ ଘର ସାମ୍ନାରେ ବନ୍ଦାପନା ମଧ୍ୟ କରାଯାଉଛି। ସୋମବାର ଯାଏ ଏହିଭଳି ଭାବେ ନଗର ପରିକ୍ରମା ଚାଲିବ। ମଙ୍ଗଳବାର ବିଶେଷ କାର୍ଯ୍ୟକ୍ରମ ରହିଛି। ବୁଧବାର ଅପରାହ୍ନରେ ମାଆଙ୍କ ପୀଠରେ ଭକ୍ତ ନିଆଁରେ ଚାଲିବେ। ପୂଜା କମିଟି ସଭାପତି କୈଳାଶ ଦୀପ, ନାଗେଶ୍ୱର ଦୀପ, ସୁନୀଲ ଦୀପ, କୈଳାସ ବନଛୋର, ଯଶପାଲ ସୁନା, ରାକେଶ ସୁନା ପ୍ରମୁଖ ପରିଚାଳନା ଭାର ତୁଲାଉଛନ୍ତି। ରେଲୱେ ପୁଲିସ, ଆରପିଏଫ, ଟାଉନ୍ ପୁଲିସ ମିଳିତ ଭାବେ ଆଇନ ଶୃଙ୍ଖଳା ଏବଂ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱ ସମ୍ଭାଳିଛନ୍ତି।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

- ବାଇକ୍ ଉଦ୍ଧାର

ଖପ୍ରାଖୋଲ,୧୬।୫(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସ ଗତ ହରିଶଙ୍କର ମହୋତ୍ସବ ସମୟରେ ଚୋରି ହୋଇଥିବା ଏକ ବାଇକକୁ ଉଦ୍ଧାର କରିଛି। ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଲାଙ୍ଗୀର ଜିଲ୍ଲା ଲରମ୍ଭା ଥାନା ଲଛିମାଲ ଗ୍ରାମର ନିବେଶ ଦୀପ (୧୯)।



ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳ ସୋଢା ଗ୍ରାମର ପରୀକ୍ଷିତ ବେହେରା ଗତ ୩୦ ଏପ୍ରିଲରେ ପରିବାର ସହ ହରିଶଙ୍କର ମହୋତ୍ସବକୁ ଯାଇଥିଲେ। ସେତେବେଳେ ତାଙ୍କ ପୁଅ ରୋହନ ବେହେରା ନିଜ ମୋଟରସାଇକେଲ (ଓଡ଼ି ୦୩ଏଫ ୭୨୨୨) କୁ ରାସ୍ତା କଡ଼ରେ ପାର୍କିଂ କରିଥିଲେ। ପରେ ସେମାନେ ଗାଧୋଇ ସାରି ଫେରିବା ବେଳେ ବାଇକ୍‌ଟି ସେଠାରୁ ଚୋରି ହୋଇଯାଇଥିବା ଦେଖିଥିଲେ। ଏନେଇ ପରୀକ୍ଷିତ ବେହେରା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ପୁଲିସ ଅଭିଯୁକ୍ତ ନିବେଶ ଦୀପଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ବାଇକ୍.ଉଦ୍ଧାର କରିଛି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ମାଧୋ ସିଂଙ୍କ ବିଷୟରେ ବିକୃତ ତଥ୍ୟ ସଂଶୋଧନ ଦାବି



ଖପ୍ରାଖୋଲ,୧୬।୫(ସମିସ): ସପ୍ତମ ଶ୍ରେଣୀ ସାହିତ୍ୟ ବହିରେ ଘେଁସ ଜମିଦାର ମାଧୋ ସିଂଙ୍କ ବିଷୟରେ ଥିବା ବିକୃତ ତଥ୍ୟ ତୁରନ୍ତ ସଂଶୋଧନ କରାଯାଉ। ଆଦିବାସୀ ସଂଘ ଓ ବିଭିନ୍ନ ସଙ୍ଗଠନ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ପ୍ରସନ୍ନ ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହିଭଳି ସିଜିମାଲି ପାହାଡ ଅଞ୍ଚଳକୁ ସୁରକ୍ଷା, ବଲାଙ୍ଗୀର ଜିଲ୍ଲାରେ ପେସା ଆଇନ କାର୍ଯ୍ୟକାରୀ, ଲିଙ୍ଗରାଜ ଆଜାଦ ସମେତ ଅନ୍ୟ ବନ୍ଦୀଙ୍କୁ ନିସର୍ତ୍ତ ଖଲାସ, ଅନ୍ୱେଷା ଯୋଜନାକୁ ପୁନଃ କାର୍ଯ୍ୟକ୍ଷମ, ଗନ୍ଧମାର୍ଦ୍ଦନ ପାହାଡର ସ୍ଥାୟୀ ସୁରକ୍ଷା, ଗ୍ରୁପ୍ ଡି ଓ ଗ୍ରୁପ ସିରେ ଖାଲିଥିବା ପଦବୀରେ ସ୍ଥାନୀୟ ଆଦିବାସୀ ଓ ଦଳିତ ପିଲାଙ୍କୁ ସୁଯୋଗ ଦେବାକୁ ମଧ୍ୟ ଦାବି କରାଯାଇଛି। ଏହି ଅବସରରେ ବିପ୍ର ବିଶି, କୁଶଧ୍ୱଜ ମାଝୀ, ଯଶୋବନ୍ତ ବରିହା, ଟିକେଶ୍ୱର ଧରୁଆ, ଶଶିକାନ୍ତ ବିଶି, ନିରାକାର ଛୁରା, ଟିକେନ୍ଦ୍ର ଯାଲ, ନୃପ ନାଗ, ଧରମ ସିଂ ଧରୁଆ, ଯୁଗଲେ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ମୀନକେତନ ବରିହାଙ୍କୁ ମଧ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଜଙ୍ଗଲରୁ ଉଦ୍ଧାର ଶବ ସତ୍କାର କଲେ ସ୍ୱେଚ୍ଛାସେବୀ



ବଲାଙ୍ଗିର,୧୬।୫(ସମିସ): ବଲାଙ୍ଗିର ସଦର ବ୍ଲକ୍ ଅସୁରମୁଣ୍ଡା ଗ୍ରାମର ଏକ ଫାର୍ମ ହାଉସ ପଛପଟୁ କିଛି ଦିନ ତଳେ ମିଳିଥିବା ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ପୁଲିସ ପକ୍ଷରୁ ସତ୍କାର କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଖବର ପାଇ ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା; ହେଲେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ପାରି ନ ଥିଲା। ପୁଲିସ ଶବ ଚିହ୍ନଟ କରି ପରିଚୟ ପାଇବା ପାଇଁ ତଦନ୍ତ ଚଳାଇଥିଲା; କିନ୍ତୁ ପରିଚୟ ମିଳିପାରି ନ ଥିଲା। ପରିବାର କିମ୍ବା ଆତ୍ମୀୟ ସ୍ୱଜନଙ୍କ ସନ୍ଧାନ ମଧ୍ୟ ମିଳି ନ ଥିଲା। ପୁଲିସ ପକ୍ଷରୁ ସମସ୍ତ ଚେଷ୍ଟା ସତ୍ତ୍ୱେ ମଧ୍ୟ କେହି ମୃତଦେହ ଦାବି କରି ନ ଥିଲେ। ଶେଷରେ ସଦର ପୁଲିସ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଗାଯୋଗ କରିଥିଲା। ପୁଲିସର ଅନୁରୋଧକୁ ରକ୍ଷା କରି ସଂଗଠନର କର୍ମକର୍ତ୍ତା ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। ସମସ୍ତ ଆଇନଗତ ଔପଚାରିକତା ଶେଷ ହେବା ପରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତ୍ତମ ନନ୍ଦ, ସରୋଜ ଜାଲ ଓ ସାଗର ଚନ୍ଦନ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ମୃତଦେହକୁ ବିଜାଖମନସ୍ଥିତ ସ୍ୱର୍ଗଦ୍ୱାରକୁ ନେଇଥିଲେ। ସେଠାରେ ସମ୍ପୂର୍ଣ୍ଣ ସମ୍ମାନର ସହ ସମ୍ପୃକ୍ତ ଅଜଣା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## କମେଇମୁଣ୍ଡା ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ

କଣ୍ଟାବାଞ୍ଜି,୧୬।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ କମେଇମୁଣ୍ଡା ପଞ୍ଚାୟତରୁ ଏକ ମାମଲା ସାମ୍ନାକୁ ଆସିଛି। ଏହି ପଞ୍ଚାୟତ ଅଧୀନରେ ଥିବା ପଖନମୁଣ୍ଡା ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ



ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ ଚାଲିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବନ ବିଭାଗ ଅଧିକାରୀ ଓ ତୁରେକେଲା ବିଡ଼ିଓଙ୍କ ପାଖରେ କିନ୍ତୁ ଏହି ନିର୍ମାଣ କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ନାହିଁ। ସରକାରୀ ବାବୁ ଜାଣି ନ ଥିବା ବେଳେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଚାଲିଥିବା ସହଜରେ ଅନୁମାନ କରାଯାଉଛି। ଏହି କାମ ଏକ ଟେଣ୍ଡର ପ୍ରକ୍ରିୟା ଜରିଆରେ ହେଉଛି। ଜଣେ ପ୍ରଭାବଶାଳୀ ଠିକାଦାର ଏହାର ନିର୍ମାଣ ଦାୟିତ୍ୱ ନେଇଛନ୍ତି; କିନ୍ତୁ ସରକାରୀ ନିୟମ ଅନୁସାରେ ଜଙ୍ଗଲ ଜମିରେ କୌଣସି ପ୍ରକାର ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ବନ ଓ ପରିବେଶ ମନ୍ତ୍ରାଳୟର ଅନୁମତି ଆବଶ୍ୟକ ହୋଇଥାଏ। ଏଠାରେ ସେଭଳି କୌଣସି ଅନୁମତି ମିଳି ନ ଥିବା ବେଳେ ଠିକାଦାର ଜଣକ ବେଆଇନ ଭାବେ କାମ ଚଳାଇଛନ୍ତି। ସ୍ଥାନୀୟ ଲୋକେ ଏହି ବେଆଇନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହ ଠିକାଦାର ଓ ଏହା ପଛରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଆଦିବାସୀ ଓ ଗ୍ରାମବାସୀମାନେ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଉପଖଣ୍ଡସ୍ତରୀୟ ବନବାସୀ କମିଟି ସଦସ୍ୟ ଗିରିରାଜ ସିଂହ ମାଝୀ ସ୍ୱର ଉତ୍ତୋଳନ କରି ଟିଟିଲାଗଡ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି କାର୍ଯ୍ୟ ବନ୍ଦ କରିବାକୁ କହିଛନ୍ତି। ଅନ୍ୟପକ୍ଷରେ ଠିକାଦାରଙ୍କୁ ମଧ୍ୟ ତାଗିଦ କରାଯାଇଛି। ପୂର୍ବରୁ ସେ ଅଞ୍ଚଳରେ ଥିବା ଗାଁଗୁଡିକୁ ପକ୍କା ରାସ୍ତା ସଂଯୋଗ କରୁଥିବା ବେଳେ ଏବେ ପାହାଡ଼ ଉପରକୁ କାହା ସ୍ୱାର୍ଥରେ ରାସ୍ତା ନିର୍ମାଣ ହେଉଥିବା ପ୍ରଶ୍ନ ଉଠୁଛି।

## ଜନ୍ମଦିନରେ ରୋଗୀଙ୍କୁ ଫଳ ବାଣ୍ଟିଲେ କଲେଜ ଅଧ୍ୟକ୍ଷ

କଣ୍ଟାବାଞ୍ଜି,୧୬।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଗାନ୍ଧିନଗର ପଡ଼ା ବାସିନ୍ଦା ତଥା ମୁରିବାହାଲ ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ମହାନନ୍ଦ ତାଙ୍କ ୫୯ତମ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଶନିବାର ତାଙ୍କ ଜନ୍ମ ଦିନ ଅବସରରେ ସେ କଣ୍ଟାବାଞ୍ଜି ଡାକ୍ତରଖାନାରେ ୧୦୦ରୁ ଅଧିକ ରୋଗୀଙ୍କୁ ଫଳ ବଣ୍ଟନ କରିଛନ୍ତି। ଏହାସହ ରାସ୍ତା କଡରେ ବୁଲୁଥିବା ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ବଣ୍ଟନ ମଧ୍ୟ କରିଥିଲେ। ନିରୁପମା ଦେବୀ ମହାନନ୍ଦ, ଗୁଡି ମହାନନ୍ଦ, ଅନିଲ ବିଭାର, ରୋହନ ମହତ, କିଶୋରଚନ୍ଦ୍ର ମହାନନ୍ଦ, ବ୍ରହ୍ମ ସିଂ ମହାନନ୍ଦ, ରିମଝିମ୍ ମହାନନ୍ଦ, ଅନିଲ ସିପକା, ମୋହନ ସୁନା, ଅଶୋକ କୁମାର, ସନ୍ତୋଷ ଖୁରା, ଦୁର୍ଗା ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।



## ଧନଞ୍ଜୟ କାଲସେ ଖୁଣ୍ଟିଗୋରା ସରପଞ୍ଚ

କନ୍ଧମାଳ,୧୬।୫(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୭୫ (୧୩।୫। ୨୦୨୬)ରେ ୱାଡର୍‌ସଭ୍ୟ ଧନଞ୍ଜୟ କାଲସେଙ୍କୁ କଣ୍ଟାମାଳ ବ୍ଲକ୍ ଖୁଣ୍ଟିଗୋରା ଗ୍ରାମ ପଞ୍ଚାୟତର କାର୍ଯ୍ୟକାରୀ ସରପଞ୍ଚ ଭାବେ କାର୍ଯ୍ୟ କରିବାକୁ ଘୋଷଣା କରାଯାଇଛି।



ନିର୍ବାଚିତ ସରପଞ୍ଚ ସୁନିତା ମାଝୀଙ୍କ ଦୁଇରୁ ଅଧିକ ସନ୍ତାନ ଥିବା ମାମଲାର ଶୁଣାଣି କରି ଅଦାଲତ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାପରେ ପରେ ନାଏବ ସରପଞ୍ଚ ରବିଚନ୍ଦ୍ର ମହାକୁଡ଼ଙ୍କୁ ୩୧।୭।୨୦୨୪ରେ ସରପଞ୍ଚ ପଦବୀରେ ଅବସ୍ଥାପିତ କରାଯାଇଥିଲା। ଅପ୍ରେଲ ମାସରେ ପଞ୍ଚାୟତର ଅର୍ଦ୍ଧାଧିକ ୱାଡର୍ ସଭ୍ୟଙ୍କ ଦ୍ୱାରା ନାଏବ ସରପଞ୍ଚ ଶ୍ରୀ ମହାକୁଡ଼ଙ୍କ ବିରୋଧରେ ଏକ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। ତଦନୁଯାୟୀ ମେ ୧୩ ତାରିଖରେ ସ୍ୱତନ୍ତ୍ର ବୈଠକରେ ପଞ୍ଚାୟତର ସମସ୍ତ ୧୧ଜଣ ସଭ୍ୟ ଉପସ୍ଥିତ ରହି ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦୁଇ-ତୃତୀୟାଂଶରୁ ଅଧିକ ଭୋଟରେ ଗୃହୀତ ହୋଇଥିବାରୁ ରବିଚନ୍ଦ୍ରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପଦଚ୍ୟୁତ କରାଯାଇଛି। ଶ୍ରୀ ମହାକୁଡ଼ଙ୍କୁ ନାଏବ ସରପଞ୍ଚରୁ ପଦଚ୍ୟୁତ କରାଯିବା ଫଳରେ ସରପଞ୍ଚ ଦାୟିତ୍ୱ ସ୍ୱତଃ ଅପସାରିତ ହୋଇଛି। ଏଣୁ ଗ୍ରାମ ପଞ୍ଚାୟତ ଆଇନ ୧୯୬୪ର ଧାରା ୨୧(୪) ଅର୍ପିତ କ୍ଷମତା ବଳରେ ୱାଡର୍ ସଭ୍ୟ ଧନଞ୍ଜୟ କାଲସେଙ୍କୁ ଖୁଣ୍ଟିଗୋରା ପଞ୍ଚାୟତର କାର୍ଯ୍ୟକାରୀ ସରପଞ୍ଚ ପଦବୀରେ ଅନ୍ୟାଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ମନୋନୀତ କରାଯାଇଛି।

## ଓମ୍‌ଭ୍ୟାଲି ଛାତ୍ରଛାତ୍ରୀଙ୍କ ସଫଳତା

ଟିଟଲାଗଡ,୧୬।୫(ସମିସ): ସ୍ଥାନୀୟ ଓମ୍ ଭ୍ୟାଲି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏ ବର୍ଷ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ୨୦୨୫-୨୬ ର ସିବିଏସଇ ଦ୍ୱାଦଶ (ବାଣିଜ୍ୟ, ବିଜ୍ଞାନ ଓ କଳା) ପରୀକ୍ଷାରେ ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ସଫଳତା ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ଆକାଂକ୍ଷା ସିଂହ ୯୩.୪ ପ୍ରତିଶତ ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ମାନସ ରଞ୍ଜନ ସାହୁ ୮୯.୪% ନମ୍ବର ରଖିଛନ୍ତି। ସେହିପରି କଳା ବିଭାଗରେ ରୂପାଶ୍ରୀ ଜଗତ ୯୧.୬% ନମ୍ବର ରଖିଛନ୍ତି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ରବିନ୍ ଚନ୍ଦ୍ର ପରମାଣିକ, ଅଧ୍ୟକ୍ଷ ଏମ. ନାଗା ମାଲେଶ୍ୱର ରାଓ ଏମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଡୁଙ୍ଗୁରିପାଲି ଅଞ୍ଚଳରେ ପେଟ୍ରୋଲ ଅଭାବ

ଡୁଙ୍ଗୁରିପାଲି,୧୬।୫(ସମିସ): ସାରା ରାଜ୍ୟରେ ତୈଳ ସଙ୍କଟ ଦେଖା ଦେଇଛି। ଏହା ସାଙ୍ଗକୁ ପେଟ୍ରୋଲ, ଡିଜେଲର ଦର ବୃଦ୍ଧି ଘଟିଛି। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳରେ ଏହାର ପ୍ରଭାବ ପଡିଛି। ଡୁଙ୍ଗୁରିପାଲି ବ୍ଲକ୍ ଅଞ୍ଚଳରେ ପାଖପାଖି ୧୦ଟି ପେଟ୍ରୋଲ ପମ୍ପ ରହିଛି। କେତେକ ଟାଙ୍କିରେ ଜଣକୁ ମାତ୍ର ୨୦୦ ଟଙ୍କାର ପେଟ୍ରୋଲ



ମିଳୁଛି। ସେହିଭଳି ଡିଜେଲ ମଧ୍ୟ ୫୦୦ରୁ ୧୦୦୦ ଟଙ୍କା ଭିତରେ ଦିଆଯାଉଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଟାଙ୍କିରେ ଲୋକେ ଯୁକ୍ତିତର୍କ କରିବାକୁ ପଛାଉ ନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାରେ ଆଉ ଏକ ସପ୍ତାହ ଗଲେ ରବି ରୁତୁର ମଣ୍ଡି ଖୋଲିବ। ତେଣୁ ଡିଜେଲ ସଙ୍କଟ ଯୋଗୁ ଚାଷୀ ଅସୁବିଧାରର ସମ୍ମୁଖୀନ ହେଉଛନ୍ତି। ଚାଷୀ କିପରି ଧାନ କାଟିବେ ଓ ମଣ୍ଡିକୁ ଗାଡ଼ି ଯୋଗେ ନେବେ ଚିନ୍ତାରେ ପଡ଼ିଛନ୍ତି।

## ୨୦ରୁ କଣ୍ଟାମାଳ ସଂକୀର୍ତ୍ତନ ମହୋତ୍ସବ

୨୧ତମ ଲୋକକଳା ଉତ୍ସବ ପାଇଁ ଚୂଡାନ୍ତ ପ୍ରସ୍ତୁତି

କଣ୍ଟାମାଳ,୧୬।୫(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ୨୦ ତାରିଖରୁ ସଂକୀର୍ତ୍ତନ ମହୋତ୍ସବ ଓ ୨୧ତମ ରାଜ୍ୟସ୍ତରୀୟ ଲୋକ କଳା ଉତ୍ସବ ଅନୁଷ୍ଠିତ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହେବ। ୨୩ ଏବଂ ୨୪ ତାରିଖରେ ରାଜ୍ୟସ୍ତରୀୟ ଲୋକ କଳା ମହୋତ୍ସବ ଆୟୋଜିତ ହେବ। ପ୍ରଗତି ସଭାଗୃହଠାରେ ଏଥି ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଦିବ୍ୟଶଙ୍କର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଓମପ୍ରକାଶ ମିଶ୍ର ସବିଶେଷ ବିବରଣୀ ଉପସ୍ଥାପନ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୨୦ ତାରିଖରେ ଆକର୍ଷଣୀୟ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ। ଓଡ଼ିଶାର ନାଁ କରା ସଂକୀର୍ତ୍ତନ୍ୟ ଗାୟିକା ଅଞ୍ଜନା ଦେହୁରୀ, ଟୁମକି ବେହେରା, ରୋଜି ବରିହା, ଶ୍ରୀୟା ମେହେର ଓ ଗାୟକ ପ୍ରଭାତ ସାହୁ, ପ୍ରହ୍ଲାଦ ରଣା, ବୁଲୁ ଶତପଥୀ, ବାୟକ ବିଶ୍ୱାମିତ୍ର ପାଣ୍ଡେ, ଓଁକାର ବିଶ୍ୱାଳ, ନରେନ୍ଦ୍ର ଧରୁଆ ଓ ସୁନୀଲ ସେଠଙ୍କୁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି କରା ଯାଇଛି। ସେହିପରି ଶେଷ ଦୁଇଦିନର ଲୋକ କଳା ଉତ୍ସବରେ କଳାହାଣ୍ଡି, ବରଗଡ, ବଲାଙ୍ଗିର, କନ୍ଧମାଳ, ମୟୂରଭଞ୍ଜ, ଖୋର୍ଦ୍ଧା, ବୌଦ୍ଧ, ଗଞ୍ଜାମ ଭଳି ଜିଲ୍ଲାରୁ ସାଂସ୍କୃତିକ ଦଳ ଯୋଗ ଦେବେ। ବିଭିନ୍ନ ଜିଲ୍ଲାର ଲୋକ ନୃତ୍ୟ ଦଳୁ ଆମନ୍ତ୍ରିତ କରାଯିବ। ସ୍ଥାନୀୟ କଳାକାରଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆ ଯାଇଛି। ଏହି ପ୍ରସ୍ତୁତି ବୈଠକରେ ବସନ୍ତ ଖଟୁଆ, ସଭାପତି ପୂର୍ଣ୍ଣଚନ୍ଦ୍ର ଖଟୁଆ, ଧର୍ମେନ୍ଦ୍ର ରଣା, ପ୍ରଦୀପ ଦାଶ, ରାଜକିଶୋର ବାଘ, ମନୋଜ ରାଜହଂସ, ରଞ୍ଜନ ପାତ୍ର, ନବୀନ ନାଏକ, ଅରୁଣ ଖଟୁଆ, ଶରତ ସାହୁ, ସୁଦାମ ମିଶ୍ର, ପ୍ରେମରଞ୍ଜନ ନାଏକ, ହରି ରଣା, ନରେନ୍ଦ୍ର ଖଟୁଆ, ଅରୁଣରଣା, କୃଷ୍ଣ ପୁଟେଲ, ସାମ୍ବାଦିକ ଜୟକୁମାର ମହାରଣା, ବିଶ୍ୱାମିତ୍ର ପାଢୀ, ଅକ୍ରୂର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



**ରାଉରକେଲା, ୧୬।୫(ସମିସ):** ସାବିତ୍ରୀ ବ୍ରତ ପାଳନ ଅବସରରେ ସ୍ତ୍ରୀ ମାନେ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଛନ୍ତି। ଏହି ଅବସରରେ ବିଭିନ୍ନ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷକରି ପୂଜା ପାଇଁ ପାନପୋଷ କାଳୀ ମନ୍ଦିର, ହନୁମାନ ବାଟିକା, ଉଦିତନଗର ଜଗନ୍ନାଥ ମନ୍ଦିର, ସେକ୍ଟର -୩ ଅହିରବନ୍ଧ ମନ୍ଦିର, ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର, ଆଖଣ୍ଡଳେଶ୍ୱର ମନ୍ଦିର, ସାରନଗରୀ ଜଗନ୍ନାଥ ମନ୍ଦିର, ମଙ୍ଗଳା ମନ୍ଦିର ଆଦିରେ ଭିଡ଼ ହୋଇଥିଲା। ପୂଜା ପରେ ବ୍ରତଧାରୀମାନେ ପୂଜା ହୋଇଥିବା ବ୍ରତ, ଶଙ୍ଖା, ନୂତନ ଶାଢ଼ୀକୁ ପରିଧାନ ପୂର୍ବକ ସ୍ୱାମୀଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଥିଲେ।

## ବାଣେଶ୍ୱର ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼



**ବଣାଇଁ:** ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ମହିଳାମାନେ ଆଜି ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ଏଥିପାଇଁ ଦେଓଗାଁ ସ୍ଥିତ ବାବା ବାଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅମାବାସ୍ୟା ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ବାବା ବାଣେଶ୍ୱରଙ୍କ ପୀଠ। ଆଜିର ଦିନରେ ସଧବାନାରୀ ମାନେ ବ୍ରତ ପାଳନ କଲେ ପତି ପରମେଶ୍ୱରଙ୍କର ଦୀର୍ଘାୟୁ ହେବାର ବିଶ୍ୱାସ ରହିଛି। ସେହିପରି ବିଭିନ୍ନ ସ୍ଥାନରେ ବଟବୃକ୍ଷ ମୂଳରେ ମଧ ବ୍ରତ ପାଳନ କରାଯାଇଥିବା ଦେଖିବାକୁ ମିଳିଛି।

### ଏନ୍ଆଇଟିର ୬୨ତମ ଗୃହ ପ୍ରତ୍ୟାବର୍ତ୍ତନ ସମାରୋହ

# ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪୦ ପ୍ରତିଶତ ଛାତ୍ରବୃତ୍ତି ଘୋଷଣା

**ରାଉରକେଲା, ୧୬।୫(ସମିସ)**

ରାଉରକେଲା ଏନ୍ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମରେ ୬୨ତମ ଗୃହପ୍ରତ୍ୟାବର୍ତ୍ତନ ସମାରୋହ' ଏବଂ ପୂର୍ବତନ ଛାତ୍ର ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର, ଅଧ୍ୟାପକ, ସ୍ନାତକ ଛାତ୍ର, ସମ୍ମାନିତ ଅତିଥି ଏବଂ ପ୍ରତିଷ୍ଠାନ ଅଧିକାରୀମାନେ ଉପସ୍ଥିତ ଥିଲେ। ଏନ୍ଆଇଟି ରାଉରକେଲାର ନିର୍ଦ୍ଦେଶକ ଏବଂ ନିଟ୍ରାର ପୃଷ୍ଠପୋଷକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ରାଜ୍ୟ ନିର୍ବାଚନ କମିଶନର ଏବଂ ଏନ୍ଆଇଟିର ୧୯୮୪ ବ୍ୟାଚର ପୂର୍ବତନ ଛାତ୍ର ମଧୁସୂଦନ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିଜିପି ସୁଶାନ୍ତ କୁମାର ନାଥ, ଆର୍ଏସ୍ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ନୌସେନାର ଭେଟେରାନ ରିଅର ଆଡମିରାଲ ସଞ୍ଜୀବ ଶର୍ମା ଯୋଗ ଦେଇଥିଲେ। ନିଟ୍ରାର ସାଧାରଣ ସମ୍ପାଦକ ପ୍ରଫେସର ଏଚ୍.କେ ନାୟକ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ, ଛାତ୍ର ଆଲୁମିନି ସମ୍ପର୍କ ପ୍ରକୋଷ୍ଠ ଦ୍ୱାରା ପ୍ରସ୍ତୁତ ସ୍ନାତକୋତ୍ତର ବ୍ୟାଚ୍‌ର ପ୍ରଥମଶ୍ରେଣୀ ଗୀତ ମଧ ଉନ୍ମୋଚିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ପୂର୍ବ ଛାତ୍ର, ଶିଳ୍ପ ଏବଂ ଆନ୍ତର୍ଜାତୀୟ ସମ୍ପର୍କ ବିଭାଗ ଡିନ୍ ପ୍ରଫେସର ଏଚ୍.ବି ସାହୁ କିପରି ନେତୃତ୍ୱ ପ୍ରତିବଦ୍ଧତା ଏବଂ ଦଳଗତ କାର୍ଯ୍ୟ ଏନ୍ଆଇଟି ରାଉରକେଲାକୁ ଉଚ୍ଚସ୍ତରରେ ପହଞ୍ଚାଉଛି ତାହା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାଢ଼ୀ କହିଲେ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଯାହା ଅନୁସରଣ କରୁଛନ୍ତି, ତାହା ଉପଭୋଗ



କରିବା ଉଚିତ। ଅନ୍ୟ ସମ୍ମାନିତ ଅତିଥି ଏନ୍ଆଇଟି କ୍ୟାମ୍ପସରେ ସେମାନଙ୍କର ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହ ବର୍ଷବର୍ଷ ଧରି ପ୍ରତିଷ୍ଠାନର ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ସଫଳତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ପ୍ରତିଷ୍ଠାନର ଆର୍ଥିକ ଦୃଷ୍ଟିରୁ ଅସହାୟ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୪୦ଟି ଛାତ୍ରବୃତ୍ତି ଘୋଷଣା କରିଥିଲେ। ଏଥିମଧ୍ୟରୁ ୨୦ଟି ଛାତ୍ରବୃତ୍ତି ଏନଆଇଟି ରାଉରକେଲା ଓଭରସିଜ୍ ଆଲୁମିନି ଆସୋସିଏସନ୍ ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଉଥିବାବେଳେ ଅବଶିଷ୍ଟ ୨୦ଟି ଛାତ୍ରବୃତ୍ତି ସେଣ୍ଟର ଫର୍ ଆଲୁମିନି, ଶିଳ୍ପ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ଦ୍ୱାରା ଦିଆଯାଉଛି ବୋଲି ସେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ବ୍ୟକ୍ତିବିଶେଷମାନେ କେବଳ ଶିକ୍ଷାଗତ ସ୍କୋର, ଗ୍ରେଡ୍ କିମ୍ବା ବୃତ୍ତିଗତ ପଦବୀ ଦ୍ୱାରା ନିଜକୁ ପରିଭାଷିତ କରିବା ଉଚିତ୍ ନୁହେଁ। ମାର୍କ, ଗ୍ରେଡ୍ ଏବଂ ଚାକିରି ପଦବୀ କେବଳ ମାଇଲଖୁଣ୍ଟ। ଅସ୍ଥାୟୀ ସଫଳତା ହାସଲ ଅପେକ୍ଷା ନିଜର ଅନ୍ତର୍ନିହିତ ମୂଲ୍ୟକୁ ଚିହ୍ନିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିକ୍ଷାଗତ ଉତ୍କର୍ଷତା ଏବଂ ବିଶିଷ୍ଟ ସଫଳତାକୁ ସ୍ୱୀକୃତି ଦେବାପାଇଁ ଅନେକ ପୁରସ୍କାର ପ୍ରଦାନ କରାଯିବା ପରିପ୍ରେକ୍ଷୀରେ ରାସାୟନିକ ଇଞ୍ଜିନିୟରିଂ ବିଭାଗର ଜଣେ ପୂର୍ବତନ ଛାତ୍ର ଏବଂ ବର୍ତ୍ତମାନ ମୁମ୍ବାଇର ୱେଷ୍ଟିଂହାଉସ୍ ଇଣ୍ଡିଆର ଦେଶ ନିର୍ଦ୍ଦେଶକ ଡକ୍ଟର ଆଲୋକ ମିଶ୍ରଙ୍କୁ 'ଶୈଳଲତା

### ମାର୍କ, ଗ୍ରେଡ୍ ଏବଂ ଚାକିରି କେବଳ ମାଇଲଖୁଣ୍ଟ

ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ୨୦୨୪-୨୫ ବ୍ୟାଚର ଶୀର୍ଷରେ ଥିବା କିଞ୍ଜଲ ଭଟ୍ଟାଚାର୍ଯ୍ୟଙ୍କୁ 'ଅସିମ ଚୌଧୁରୀ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଥିଲା ବେଳେ ଚତୁର୍ଥ ସେମିଷ୍ଟାରରେ ସର୍ବାଧିକ ନମ୍ବର ରଖି ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଶ୍ରୀମୟ ସରଙ୍ଗୀଙ୍କୁ 'ଶିଳାଦିତ୍ୟ ପଟ୍ଟନାୟକ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଶେଷବର୍ଷର କେମିକାଲ୍ ଇଞ୍ଜିନିୟରିଂ ପ୍ରୋଗ୍ରାମର ଶ୍ରେଷ୍ଠ ଅଲରାଉଣ୍ଡର ଛାତ୍ର ଅନିକେତ ନାୟକଙ୍କୁ 'ଶ୍ରୀ ଦେବାଶିଷ ସ୍ମାରକୀ ପୁରସ୍କାର' ପ୍ରଦାନ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ୨ ଆହତ

**ରାଉରକେଲା, ୧୬।୫ (ସମିସ):** ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ନାବାଳକ ଓ ଜଣେ ଯୁବକ ଆହତ ହୋଇଛନ୍ତି। ଶନିବାର ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକଠାରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ଛକ ଦେଇ ଯାଉଥିବା ବେଳେ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ନାବାଳକ ଓ ଯୁବକ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ଉକ୍ତ ଛକ ନିକଟରେ ଫୁଟପାଥ ଠାରେ ଉଠା ଦୋକାନୀ ବ୍ୟବସାୟ କରୁଥିବା ଯୋଗୁଁ ରାସ୍ତା ସଂକୀର୍ଣ୍ଣ ହେଉଛି। ଫଳରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜେଏମ୍ଓ ପରୀକ୍ଷାରେ ୧୧ ଛାତ୍ରଛାତ୍ରୀଙ୍କ ସଫଳତା

**ରାଉରକେଲା, ୧୬।୫(ସମିସ):** ଭୁବନେଶ୍ୱର ସ୍ଥିତ ପଠାଣୀ ସାମନ୍ତ ଗଣିତ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ମାଥେମାଟିକାଲ ସୋସାଇଟି ପକ୍ଷରୁ ଆୟୋଜିତ ଜୁନିୟର ମ୍ୟାଥମାଟିକ୍ସ ଅଲମ୍ପିୟାଡ୍ (ଜେଏମଓ) ୨୦୨୫-୨୬ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ରାଜ୍ୟରେ ମୋଟ ୬୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ରାଉରକେଲାର ୧୧ ଜଣ ଛାତ୍ରଛାତ୍ରୀ ରହିଥିବା ସୂଚନା ମିଳିଛି। ତେବେ ଓଡ଼ିଶାର ୧୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ଜଣ ଛାତ୍ରୀ ରାଉରକେଲାର ବୋଲି ସୂଚନା ମିଳିଛି। ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ଛାତ୍ର ରାଉରକେଲାର ବୋଲି ଜଣାପଡ଼ିଛି। ସେମାନେ ହେଲେ ରାଉରକେଲାର ଏସ୍ଅସଭିଏମ ଇଂରାଜୀ ମିଡିୟମ ସ୍କୁଲର ଛାତ୍ର ଆଶୁତୋଷ ସ୍ୱାଇଁ, ସେଣ୍ଟ ପଲସ ସ୍କୁଲର ଛାତ୍ର ଦକ୍ଷେଶ ଜେନା, ସାତ୍ତ୍ୱିକ ଆରି, ଅସ୍ମିତା ମଜୁମଦାର, ପ୍ରତ୍ୟୁଷ ପଡ଼ିହାରୀ, ପଲ୍ଲବୀ ରାଣୀ ପଣ୍ଡା, ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରୀ ମେଘନା ପତି, ଦିଲ୍ଲୀ ପବ୍ଲିକ ସ୍କୁଲର କ୍ରୀଷ୍ଣା ସ୍ୱରୂପ ନାୟକ, କୋଟା ଅରବିନ୍ଦ କୁନାଲ, ଅସ୍ମିତ ପରିଡ଼ା ଏବଂ ଯାସିତା ରାଉତ। ସେମାନେ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥେମାଟିକ୍ସ ଆଣ୍ଡ ଆପ୍ଲିକେସନ୍, ଅନ୍ଧାରୁଆ, ଭୁବନେଶ୍ୱର ଦ୍ୱାରା ମେ' ୨୫ ତାରିଖରୁ ଆୟୋଜିତ ହେବାକୁ ଥିବା ଗ୍ରୀଷ୍ମ ଶିବିରରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏଥିପାଇଁ ଚିନ୍ମୟ ବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ଶତପଥୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲାରେ ଦୀର୍ଘ ୧୯ ବର୍ଷ ଧରି ସୁରେଶ କୁମାର ଶତପଥୀଙ୍କ ଦ୍ୱାରା ଆୟୋଜିତ ମାଥମାଟିକ୍ସ କ୍ୟାମ୍ପରେ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ନେଇ ରାଉରକେଲା ପାଇଁ ସଫଳତା ସାଉଁଟି ଆସୁଛନ୍ତି। ଏହିଶିବିର ପ୍ରତିବର୍ଷ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ଆରମ୍ଭ ହୋଇଥାଏ। ଏଥିପାଇଁ ଶ୍ରୀ ଶତପଥୀଙ୍କୁ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଧନ୍ୟବାଦ ଦେଇଛନ୍ତି।

## ୨୪୬ ଲିଟର ମହୁଲି ଜବତ, ୧୨ ଗିରଫ

**ରାଉରକେଲା, ୧୬।୫ (ସମିସ):** ବେଆଇନ ମଦ କାରବାର ହେଉଥିବା ସ୍ଥାନ ଗୁଡ଼ିକରେ ଅବକାରୀ ବିଭାଗ ଚଢ଼ଉ କରିଛି। ସେଠାରୁ ୨୪୬ ଲିଟର ମହୁଲି ମଦ ଜବତ କରାଯାଇ ଥିବାବେଳେ ୧୨ ଜଣଙ୍କୁ ଗିରଫ କରାଯାଇଛି। ବିଭାଗ ଏସଇ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶ କ୍ରମେ ଚିକଟମାଟି, ବିରିଡ଼ା, ଯୋଡ଼ାବନ୍ଧ, ଭାଲୁଲତା ଆଦି ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଘଟଣାସ୍ଥଳରୁ ମାଗଦାଲି କିସପଟା, ରୁକ୍ମଣୀ ବାର୍ଲା, ସୁଶୀଳା କୁମ୍ଭାର, କମଳା କୁମ୍ଭାର, ଅଜୟ ଓରାମ, ପାହାନା ଓରାମ, ପୁଷ୍ପା ତୀର୍କି, ମିନି ସମାସୀ, ରଙ୍ଗବତୀ କୁମ୍ଭାର, ଶର୍ମିଳା ଓରାମ, ଚୁମନି ଓରାମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୨୪୬ ଲିଟର ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ଉରେ ଇନ୍ସପେକ୍ଟର ମୋହନ ପ୍ରଧାନ, ହେମନ୍ତ ମହାନନ୍ଦିଆ, ଏଏସ୍ଆଇ ବିନୋଦିନୀ ବେହେରା, ବିଦ୍ୟୁତ୍ ଭୂଷଣ ଦାଶ, ଆଲୋକ ପ୍ରଧାନ, ଯୁବରାଜ ବାଗ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଜବତ ମଦର ଆନୁମାନିକ ମୂଲ୍ୟ ୨୪ ହଜାର ୬୦୦ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ସେଲ୍ ପକ୍ଷରୁ ତ୍ରୟମାସିକ ଓ ବାର୍ଷିକ ଫଳାଫଳ ଘୋଷଣା

**ରାଉରକେଲା, ୧୬।୫(ସମିସ):** ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ପକ୍ଷରୁ ମାର୍ଚ୍ଚ ୩୧ ତାରିଖରେ ଶେଷ ହୋଇଥିବା ତ୍ରୟମାସ ଏବଂ ଆର୍ଥିକ ବର୍ଷର ଫଳାଫଳ ଘୋଷଣା ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୯.୪୩ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ପୂର୍ବବର୍ଷରେ ଉତ୍ପାଦିତ ୧୯.୧୭ ନିୟୁତ ଟନ୍ ତୁଳନାରେ ୧.୪% ବୃଦ୍ଧି ହୋଇଛି। ସେହିପରି, ବିସ୍ତାରିତ ବଜାର ପ୍ରସାର, ଉଦ୍ଦେଶ୍ୟମୂଳକ ଇନଭେଣ୍ଟରୀ ହ୍ରାସ ଏବଂ ସୁବ୍ୟବସ୍ଥିତ ପ୍ରେରଣ ଦ୍ୱାରା ଚାଳିତ, ବିକ୍ରୟ ପରିମାଣ ୧୧.୪% ର ଏକ ଗୁରୁତ୍ୱପୂର୍ଣ୍ଣ ଦୁଇଅଙ୍କ ବୃଦ୍ଧି ପାଇଛି। ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୭.୮୯ ନିୟୁତ ଟନ୍ ରୁ ୧୯.୯୩ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ପୂର୍ବବର୍ଷ ଅପେକ୍ଷା ଏହିବର୍ଷ କାର୍ଯ୍ୟରୁ ମୋଟ ରାଜସ୍ୱ ୧, ୦୨, ୪୭୮ କୋଟି ଟଙ୍କାରୁ ୧, ୧୦, ୮୧୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଟିକସ ପରବର୍ତ୍ତୀ ଲାଭ (ପିଏଟି) ୫୦.୫ % ବୃଦ୍ଧି ପାଇ ୩, ୨୩୩ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷରେ ରେକର୍ଡ ହୋଇଥିବା ୨, ୧୪୮ କୋଟି ଟଙ୍କା ତୁଳନାରେ ଏକ ବୃହତ ବୃଦ୍ଧି। ଏହାବ୍ୟତୀତ, କମ୍ପାନୀ ଏହାର ମୋଟ ଋଣକୁ ପୂର୍ବ ବର୍ଷ ତୁଳନାରେ ୮, ୧୪୮ କୋଟି ଟଙ୍କା ହ୍ରାସ କରି ଏହାର ବାଲାନ୍ସ ସିଟ୍ କୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିଛି। କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ସମସ୍ତ ପ୍ରମୁଖ ମାପଦଣ୍ଡରେ ଏକ ଦୃଢ଼ ପ୍ରଦର୍ଶନ ପ୍ରଦାନ କରିଛି, ଯାହା ଏହାର



ମୁଖ୍ୟ ବ୍ୟବସାୟିକ କାର୍ଯ୍ୟର ଦୃଢ଼ତା ଏବଂ ସ୍ଥିରତାକୁ ସ୍ପଷ୍ଟ କରିଛି। ଉନ୍ନତ ବିକ୍ରୟ ପରିମାଣ, ଇନଭେଣ୍ଟୋରୀ ଏବଂ ଋଣହ୍ରାସ ସହିତ ଉନ୍ନତ ଟେକ୍ନୋ-ଅର୍ଥନୈତିକ ପାରାମିଟର - ଯେପରିକି ବର୍ଦ୍ଧିତ ବ୍ଲାଷ୍ଟ ଫର୍ଣ୍ଣେସ୍ ଉତ୍ପାଦକତା ଏବଂ ଅପ୍ଟିମାଇଜ୍ଡ ଶକ୍ତି ବ୍ୟବହାର-କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଲାଭ ଦାୟକତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଉଲ୍ଲେଖନୀୟ ଯେ, ବିକଶିତ ଭୂରାଜନୈତିକ ପରିସ୍ଥିତିରୁ ଉପୁଜିଥିବା ଯୋଗାଣ ଶୃଙ୍ଖଳ ବାଧା ସତ୍ତ୍ୱେ, କମ୍ପାନୀ ଏହାର ସମ୍ବଳକୁ ସର୍ବୋତ୍ତମ ଭାବରେ ବ୍ୟବହାର କରି କାର୍ଯ୍ୟଦକ୍ଷତା ଗତିକୁ ବଜାୟ ରଖି ଚତୁରତା ପ୍ରଦର୍ଶନ କରିଛି। ଏହି ଫଳାଫଳ ଉପରେ ମତାମତ ଦେଇ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ସିଏମଡି ଡକ୍ଟର ଏ.କେ. ପଣ୍ଡା କହିଛନ୍ତି ଆମର କାର୍ଯ୍ୟଦକ୍ଷତା ଆମର ମୂଳକାର୍ଯ୍ୟର ଅନ୍ତର୍ନିହିତ ଶକ୍ତିକୁ ପ୍ରତିଫଳିତ କରେ, ଯାହା ବଜାର ଉପସ୍ଥିତିକୁ ବିସ୍ତାର କରିବା ଏବଂ ଚାହିଦା ସହିତ ଆମର ଉତ୍ପାଦ ପୋର୍ଟଫୋଲିଓକୁ ସମାନ କରିବାପାଇଁ କେନ୍ଦ୍ରିତ ପ୍ରୟାସ ଦ୍ୱାରା ସମର୍ଥିତ। ବିକ୍ରୟ ପରିମାଣରେ ବୃଦ୍ଧି, ଇନଭେଣ୍ଟରୀ ଏବଂ ଋଣ ହ୍ରାସ ସହିତ, ଆମର ଲାଭକୁ ସୁଦୃଢ଼ କରି ପିବିଟି ଏବଂ ପିଏଟି ପୂର୍ବ ବର୍ଷ ତୁଳନାରେ ଯଥାକ୍ରମେ ୪୪% ଏବଂ ୫୦.୫% ଅଭିବୃଦ୍ଧି ପଞ୍ଜିକୃତ କରିଛି। ଆଗକୁ, ଆମେ ଆମର ପୋର୍ଟଫୋଲିଓରେ ମୂଲ୍ୟଯୁକ୍ତ ଏବଂ ସ୍ୱତନ୍ତ୍ର ଇସ୍ପାତର ଅଂଶ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବୁ। ନିରନ୍ତର ଭିତ୍ତିଭୂମି ବିକାଶ ଦ୍ୱାରା ପରିଚାଳିତ ଘରୋଇ ଇସ୍ପାତ ବ୍ୟବହାର ପାଇଁ ଉତ୍ସାହଜନକ ଦୃଷ୍ଟିକୋଣ, ଆମର ସମ୍ପ୍ରସାରଣ ଯୋଜନା ପାଇଁ ଶୁଭଙ୍କର ଅଟେ।

## ଓଡ଼ିଶା ଆଇଏନ୍‌ଟିୟୁସିର ବିଭିନ୍ନ ପଦରେ ଆରଏସ୍ଏସ୍ କର୍ମକର୍ତ୍ତା ନିର୍ବାଚିତ

**ରାଉରକେଲା, ୧୬।୫(ସମିସ):** ରାଉରକେଲା ଶ୍ରମିକ ସଂଘର ସଭାନେତ୍ରୀ ଓ ସାଧାରଣ ସମ୍ପାଦକଙ୍କ ସମେତ ସଂଘର ଅନେକ କର୍ମକର୍ତ୍ତା ଓଡ଼ିଶା ଆଇଏନ୍‌ଟିୟୁସିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇଥିବାରୁ ସଂଘ ପରିବାରରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓଡ଼ିଶା ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ଡି.ଏସ୍. ପାଣିକର, ସମ୍ପାଦକଭାବେ ଅକ୍ଷୟ ଜେନା ଓ ଦିଲୀପ କୁମାର ମହାପାତ୍ର, ଉପସଭାପତି ଭାବେ ଜନାର୍ଦ୍ଦନ ଦେହୁରୀ, ଯୁଗ୍ମ ସମ୍ପାଦକ ଭାବେ ରଘୁନାଥ ଭୁକ୍ତା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ନିହାର ରଞ୍ଜନ ଦାସ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ସେହିଭଳି ପ୍ରତାପ କୁମାର ପଣ୍ଡା, ରଘୁନାଥ ପ୍ରଧାନ, ଚକ୍ରଧର ପ୍ରଧାନ, ରମାକାନ୍ତ ପରିଡ଼ା, ବୀରକିଶୋର ଶେଖରଦେଓ, ଅଖିଳ କୁମାର ପୃଷ୍ଟି, ମନୋଜ କୁମାର କିଶାନ, ସୁରେଶ ଚନ୍ଦ୍ର କିଶାନ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ପରମାନେଣ୍ଟ ଇନଭାଇଟ ଭାବେ ମନୋନୀତ ହୋଇଛନ୍ତି।

## ଓଡ଼ିଶା ବଜେଟ୍ ୨୦୨୬-୨୦୨୭ ଶୀର୍ଷକ ଆଲୋଚନାଚକ୍ର

**ରାଉରକେଲା, ୧୬।୫(ସମିସ):** ରାଉରକେଲା ସହରର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଭିନ୍ନଭିନ୍ନ ବର୍ଗର ଅଧ୍ୟାପକଙ୍କୁ ନେଇ ଗଠିତ ମଞ୍ଚ-ମନ୍ଥନ ଆନୁକୂଲ୍ୟରେ ଓଡ଼ିଶା ବଜେଟ୍ ୨୦୨୬-୨୦୨୭ ଶୀର୍ଷକ ଏକ ବୌଦ୍ଧିକ ବିମର୍ଷ ସେକ୍ଟର-୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ମାର୍ଗଦର୍ଶନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ ଓଡ଼ିଶା ବଜେଟ୍ ଉପରେ ଅଧ୍ୟାପକଙ୍କୁ ନେଇ ଗଠିତ ମଞ୍ଚ-ମନ୍ଥନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏହା ମାଧ୍ୟମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ ବୋଲି କହିଥିଲେ। ଏହାସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ଶେଷ ଧାଡ଼ିର ଶେଷତମ ବ୍ୟକ୍ତି ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମନ୍ଥନର ସଭାପତି ଶ୍ରୀନାଥ ଜେନାଙ୍କ ସଂଯୋଜନା ଓ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଉରକେଲା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ନୀଳଶୈଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗଜେନ୍ଦ୍ର ନାଥ ଦାଶ, ହୃଷିକେଶ ରାୟ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରଜନୀକାନ୍ତ ମିଶ୍ର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ମାୟାଧର ବାରିକ ପ୍ରମୁଖ ଯୋଗଦେଇ ଓଡ଼ିଶା ବଜେଟ୍‌ର ବିଭିନ୍ନ ଦିଗ ଓ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଅର୍ଥନୀତି ବୃଦ୍ଧି ପାଇଁ ବଜେଟ ହେଉଛି ଶକ୍ତିଶାଳୀ ଅସ୍ତ୍ର। ଏହା ସହ ମୌଳିକ ସୁବିଧା ଯଥା ଜଳ, ବିଦ୍ୟୁତ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଜଗନ୍ନାଥ ସଂସ୍କୃତିର ବିକାଶ, ଆଦିବାସୀ ସଂସ୍କୃତି, ଜନଜାତିଙ୍କ ମଧ୍ୟରେ ଥିବା ପାରମ୍ପରିକ ଜ୍ଞାନ କୌଶଳର ବିକାଶ, ସମୃଦ୍ଧ କୃଷକ ଯୋଜନା ସହ ପୂର୍ବ ସରକାରଙ୍କ ଅମଳଠାରୁ ଚଳିତ ସରକାର ତା'ଠାରୁ ବହୁଗୁଣରେ ଅଧିକ କାର୍ଯ୍ୟକ୍ରମ, ୮୩୫ ସ୍କୁଲ ସ୍ଥାପନ ଓ ଆସନ୍ତା ୨୦୨୯




ମସିହା ସୁଦ୍ଧା ୨୦୦ ସ୍କୁଲ ପ୍ରତିଷ୍ଠା ପାଇଁ ଅର୍ଥ ବ୍ୟବସ୍ଥା, ସମୃଦ୍ଧି ଅଙ୍ଗନବାଡି ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ, ଅନୁସୂଚିତ ତଥା ଜନଜାତିର ଗ୍ରାଜୁଏସନ୍ ପାସ୍ ପରେ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଯେଉଁ ବଜେଟ ହୋଇଛି ତାହା କିପରି ଲୋକାଭିମୁଖୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ବକ୍ତାମାନେ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଧାୟକ ଶ୍ରୀ ତନ୍ତୀ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଅନୁରୋଧ କରିଥିଲେ। ନଳିନୀକାନ୍ତ ଧର, ସୁମନ ଦତ୍ତ, ସତ୍ୟନାରାୟଣ ଦାଶ, ଗୋଦାବରୀଶ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମନ୍ଥନ ମଞ୍ଚର ସାଧାରଣ ସମ୍ପାଦକ ଡ. ବିଶ୍ୱନାଥ ପରିଜା ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ରାଉରକେଲା ମହାବିଦ୍ୟାଳୟର ଅଧ୍ୟାପକ କରୁଣାକର ପାଟଶାଣୀ, ଛାତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଆର୍ଏସ୍ପିରେ ଜାତୀୟ ଡେଙ୍ଗୁ ଦିବସ

**ରାଉରକେଲା, ୧୬।୫(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ଇଞ୍ଜିନିୟରିଂ କନଫରେନ୍ସ ହଲ୍ ଠାରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଟାଉନ୍ ଇଞ୍ଜିନିୟରିଂ- ପବ୍ଲିକ ହେଲଥ୍ ୟୁନିଟ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଜିଏମ୍ (ଟିଇ ଆଣ୍ଡ ହର୍ଟିକଲଚର୍) ବି.କେ. ଜୋଜୋ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଏମ୍ (ଟିଇ- ପବ୍ଲିକ ହେଲଥ) ହର ପଟ୍ଟନାୟକ ଏବଂ ଡେପୁଟି ସିଏମଓ (ଟିଇ-ପବ୍ଲିକ ହେଲଥ) ଡାକ୍ତର ଦୀପା ଲାଭାଙ୍ଗରେ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ର ଡେଙ୍ଗୁ ସଂଯୋଜକ ବି. କେ. ପଣ୍ଡା ଏଥିରେ ଅତିଥି ବକ୍ତାଭାବେ ଯୋଗ ଦେଇଥିଲେ। ଟାଉନ୍ ଇଞ୍ଜିନିୟରିଂ ବିଭାଗର ଅନ୍ୟ କେତେକ ଅଧିକାରୀ ମଧ ଯୋଗ ଦେଇଥିଲେ। ଚାରୋଟି




ସ୍ୱଚ୍ଛତା ସ୍ୱାଭିମାନ ଗ୍ରୁପ୍‌ର କ୍ୟାପଟେନ ଓ ପ୍ରତିନିଧିମାନଙ୍କ ସହ ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିଷେଧକ ବ୍ୟବସ୍ଥାକୁ ସହଯୋଗ କରିବା ପାଇଁ ସମଗ୍ର କାରଖାନାରୁ 'ଡେଙ୍ଗୁ ୱାରିୟର୍ସ' (ଡେଙ୍ଗୁ ଯୋଦ୍ଧା) ଭାବେ ଚିହ୍ନଟ ହୋଇଥିବା ୨୦ ଜଣ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ ଜୋଜୋ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରତିଷେଧକ ବ୍ୟବସ୍ଥା ପ୍ରତି ଅବହେଳା ଯୋଗୁଁ ଡେଙ୍ଗୁ ଭଳି ଋତୁକାଳୀନ ସ୍ୱାସ୍ଥ୍ୟ ସମସ୍ୟା ସବୁ ବୟସର ବ୍ୟକ୍ତିଙ୍କୁ ପ୍ରଭାବିତ କରୁଛି, ଯାହାର ଗମ୍ଭୀରତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅତିଥି ବକ୍ତା ବି.କେ. ପଣ୍ଡା ଡେଙ୍ଗୁ ବ୍ୟାପିବା, ଏହାର ଲକ୍ଷଣ, ପ୍ରତିଷେଧକ ବ୍ୟବସ୍ଥା ଏବଂ ନିୟନ୍ତ୍ରଣ କୌଶଳ ଉପରେ ଏକ ଅଧିବେଶନ ଉପସ୍ଥାପନ କରିଥିଲେ। ନିରନ୍ତର ପ୍ରତିଷେଧକ କାର୍ଯ୍ୟକ୍ରମକୁ ସହଯୋଗ କରିବା ପାଇଁ 'ଡେଙ୍ଗୁ ୱାରିୟର୍ସ'ର ଏକ ଟିମ୍ ଗଠନ କରିଥିବାରୁ ସେ ସେଲ୍‌ଫ, ଆରଏସପିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଡାକ୍ତର ଲଭାଙ୍ଗରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜନସ୍ୱାସ୍ଥ୍ୟର ଦୂତ ଭାବରେ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ ଏବଂ ଜମି ରହିଥିବା ପାଣିକୁ ନଷ୍ଟ କରିବା, ଘର ଓ କାର୍ଯ୍ୟକ୍ଷେତ୍ର ଏବଂ ଏହାର ଚାରିପାଖରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ସହ ପବ୍ଲିକ ହେଲଥ୍ ୟୁନିଟ୍ ଦ୍ୱାରା କରାଯାଉଥିବା ଧୂଆଁ ବୁଲାଇବା ଏବଂ ମଶା ଲାଭା ନାଶକ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡାକ୍ତର ଦୀପା ଲାଭାଙ୍ଗରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ।

## ଶ୍ରମବିଭାଗର ହସ୍ତକ୍ଷେପପରେ ଆହତ ଶ୍ରମିକଙ୍କୁ ସହାୟତା

**କୋଲାବିରା, ୧୬।୫ (ସମିସ):** କରଖାନାରେ କାର୍ଯ୍ୟରତ ଜଣେ ଶ୍ରମିକ ଆହତ ହୋଇ ତାଙ୍କର ହାତ ଭାଙ୍ଗିବାପରେ କାରଖାନା ପକ୍ଷରୁ କୌଣସି ଚିକିତ୍ସା ସହାୟତା ପ୍ରଦାନ ନକରି ଆହତ ବ୍ୟକ୍ତି ଚୁପଚାପ୍ ଆଣି ଘରେ ଛାଡିଦେଇ କାମ ସାରିଦେଇଥିଲେ। ଏନେଇ ଶ୍ରମ ଅଦାଲତର ଦ୍ୱାରସ୍ଥ ହୋଇଥିଲେ ତାଙ୍କ ପତ୍ନୀ। ଗତ ୨୯ ତାରିଖ କୋଲାବିରା ବ୍ଲକ ଅଧୀନ କେଲେଣ୍ଡାମାଲ ପଞ୍ଚାୟତ ଅଞ୍ଚଳର ଶୋଭା କେମିକାଲ୍ସରେ କାର୍ଯ୍ୟରତ ରଘୁନାଥପାଲି ଗ୍ରାମର ପାଣ୍ଡବ ସାହୁ ଡ୍ୟୁଟି ସମୟରେ କୌଣସି କାରଣରୁ ଆହତ ହୋଇଥିଲେ। ଏଥିରେ ତାଙ୍କର ହାତ ଭାଙ୍ଗିଯାଇଥିଲା। କାର୍ଯ୍ୟରତ ଶ୍ରମିକର ଚିକିତ୍ସା କରେଇବା ପରିବର୍ତ୍ତେ କମ୍ପାନୀ କର୍ତ୍ତୃପକ୍ଷ ସାଧାରଣ ମାନବିକତା ଭୁଲିଯାଇ ଘରେ ଛାଡ଼ି ଚାଲିଯାଇଥିଲେ। ଏହାକୁ ନେଇ ଅଞ୍ଚଳର




ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପରାମର୍ଶ କ୍ରମେ ଆହତ ପାଣ୍ଡବଙ୍କ ସ୍ତ୍ରୀ ଚନ୍ଦ୍ରକାନ୍ତି ସାହୁ କୋଲାବିରା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ତରାଇ ଅଭିଯୋଗ ଶୁଣାଣି କରି ଆହତ ଶ୍ରମିକଙ୍କୁ ଚିକିତ୍ସା ପାଇଁ ୭୦ ହଜାର ଟଙ୍କା ପ୍ରଦାନ ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇ କମ୍ପାନୀ ଅଧିକାରୀ ପ୍ରଦୀପ ବାନାଜୀ ଓ ଲଳିତମୋହନ ଶତପଥୀ ସହକାରୀ ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ଆହତ ପାଣ୍ଡବଙ୍କ ସ୍ତ୍ରୀ ଚନ୍ଦ୍ରକାନ୍ତିଙ୍କୁ ୭୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଝାରସୁଗୁଡ଼ା, ୧୬।୫(ସମିସ):** ଝାରସୁଗୁଡା ଜିଲ୍ଲାରେ ଚାଲିଥିବା 'ନିଶା ମୁକ୍ତ ଅଭିଯାନ'କୁ ପୁଣି ଏକ ବଡ଼ ସଫଳତା ମିଳିଛି। ଝାରସୁଗୁଡ଼ା ଜିଲ୍ଲାରେ ନିଶା ମୁକ୍ତିନେଇ ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଓରିଏଣ୍ଟ ଥାନା ପୁଲିସ ପକ୍ଷରୁ ଶୁକ୍ରବାର ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲାଣ କରାଯାଇଛି। ଗତ ଶୁକ୍ରବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଓରିଏଣ୍ଟ ଥାନା ପୋଲିସ ପକ୍ଷରୁ ମଣ୍ଡଳିଆ ବାଇପାସ ରାସ୍ତା ପୋଖରୀ ନିକଟରେ ଚଢ଼ଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ୨୭.୫୯୫ କେଜି ଜବତ କରାଯାଇଛି। ଅଭିଯୁକ୍ତ ଜଣକ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ଯୋଗେନ୍ଦ୍ର କିଷାନ(୪୧) ହୋଇଥିବାବେଳେ ମାମଲାର ମାଷ୍ଟରମାଇଣ୍ଡ ଓରିଏଣ୍ଟ ଥାନା ମଣ୍ଡଳିଆର ମୃଣାଳକାନ୍ତି ଭୋଇ ଓରଫ ବବୁକୁ ପୂର୍ବରୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ୨୭.୫୯୫ କେଜି ଗଞ୍ଜେଇ



ସମେତ ୧୧ ଶହ ଟଙ୍କା ଜବତ କରାଯାଇଥିବା ନେଇ ଶନିବାର ଦିନ ଓରିଏଣ୍ଟ ଥାନା ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଘାଟିରେ ଓଲଟିଲା ଟ୍ରାକ୍ଟର; ଚାଳକ ମୃତ

**ବଣାଇଁ, ୧୬।୫ (ସମିସ):** ବଣାଇ ଉପଖଣ୍ଡ ମହୁଲପଦା ଥାନା ଅଧୀନ ରୁଗୁଡ଼ି ଘାଟିରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚକତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେଙ୍ଗାଳି ଗ୍ରାମର କ୍ଷେତ୍ର ମୁଣ୍ଡାରୀ(୨୨)।

ସୂଚନା ଅନୁଯାୟୀ, ଗତକାଲି ରାତିରେ ଏକ ଟ୍ରାକ୍ଟର କେନ୍ଦୁଝର ପଟୁ ଆସୁଥିବା ବେଳେ ରୁଗୁଡ଼ି ଘାଟିରେ ଚାଳକ ଭାରସାମ୍ୟ ହରାଇଥିଲେ। ଫଳରେ ଟ୍ରାକ୍ଟରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଇଞ୍ଜିନ ଏବଂ ଚକ ତଳେ ଚାପି ହୋଇ କ୍ଷେତ୍ର ମୁଣ୍ଡାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ବଣାଇଁ ମର୍ଗ ହାଉସକୁ ପଠାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୩ ବର୍ଷ ହେଲା ଚୋରି ସ୍କର୍ପିଓର ମିଳୁନି ପତ୍ତା

## ବରିଷ୍ଠ ପୁଲିସ ପଦାଧିକାରୀଙ୍କୁ ପତ୍ର

**ରାଉରକେଲା, ୧୬।୫ (ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଜଳଦା ଫାଣ୍ଡି ଅଧୀନ ନୟାଡେରା ଅଞ୍ଚଳରୁ ଚୋରି ହୋଇଥିବା ଏକ ସ୍କର୍ପିଓର ସନ୍ଧାନ ଦୀର୍ଘ ୩ ବର୍ଷ ପରେ ବି ପୁଲିସ ପାଇବାରେ ବିଫଳ ହୋଇଛି। ସ୍କର୍ପିଓ ମାଲିକ ଇଂ ଚନ୍ଦ୍ରମୋହନ ମାଝୀ ଏନେଇ ଜଳଦା ଫାଣ୍ଡିରେ ଏତାଲା ଦେଇଥିଲେ ମଧ୍ୟ ପୁଲିସ ଚୋରି ସ୍କର୍ପିଓକୁ ଖୋଜାଖୋଜି ନ କରି ହାତରେ ହାତ ବାନ୍ଧି ବସି ରହିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଘଟଣାଟି ଘଟିଥିଲା ଗତ ୨୦୨୩ ମସିହା ଜୁଲାଇ ୩ ତାରିଖ ବିଳମ୍ବିତ ରାତିରେ। ସୂଚନା ମୁତାବକ ନୟାଡେରା କଲୋନୀରେ ବାସକରୁଥିବା ଇଞ୍ଜିନିୟର ଚନ୍ଦ୍ରମୋହନ ମାଝୀ ତାଙ୍କ ସ୍କର୍ପିଓକୁ ସବୁଦିନ ପରି ତାଙ୍କ ଘର ସମ୍ମୁଖରେ ରଖିଥିଲେ। ହେଲେ ଉକ୍ତ ଦିନ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ସ୍କର୍ପିଓକୁ ଚୋରି କରି ଫେରାର ହୋଇଯାଇଥିଲେ। ସକାଳୁ ଉଠି ତାଙ୍କ ଘର ସମ୍ମୁଖରେ ସ୍କର୍ପିଓ ନ ଥିବା ଦେଖି ଇଂ ମାଝୀ ଏବଂ ତାଙ୍କ ପରିବାର ବର୍ଗ ବିଭିନ୍ନ ଆଡେ ଖୋଜା ଖୋଜି କରି ନ ପାଇବାପରେ ଥାନାରେ ଏତାଲା ଦେଇଥିଲେ। ଏହି ଘଟଣାର ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ହେଲେ ଇତି ମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ଏପର୍ଯ୍ୟନ୍ତ ଏହି ଚୋରି ଘଟଣା ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇନଥିବା ସୂଚନା ମିଳିଛି, ଯାହାକୁ ପୁଲିସର ଅପାରଗତାକୁ ପଦାରେ ପକାଇ ଦେଇଛି। ଇଂ ମାଝୀ ଆଜି ରାଉରକେଲା ଏସପି ନିତେଶ ୱାଧୱାନୀଙ୍କୁ ସାକ୍ଷାତ କରି ତାଙ୍କ ଚୋରି ସ୍କର୍ପିଓ ମିଳିନଥିବା ନେଇ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସେ ଏହାର ନକଲ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ଆଇଜି କ୍ରାଇମ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି, ସୁନ୍ଦରଗଡ଼ ସାଂସଦ, ରଘୁନାଥପାଲି ବିଧାୟକ ପ୍ରମୁଖଙ୍କ ନିକଟକୁ ପଠାଇ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି।

### ବିଧାୟକଙ୍କ ସମାଲୋଚନା ପରେ ମନ୍ତ୍ରୀଙ୍କ ଅନୁଗତଙ୍କ ସାମ୍ବାଦିକ ସମ୍ମିଳନୀ

# ଝାରସୁଗୁଡ଼ା ଜିଲ୍ଲା ବିଜେପିରେ 'ପାୱାର୍ କରିଡର' ଲଢ଼େଇ

**ଝାରସୁଗୁଡ଼ା, ୧୬।୫(ସମିସ)**

ଝାରସୁଗୁଡ଼ା ଜିଲ୍ଲା ବିଜେପିରେ ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଫାଟ ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର

### ଝାରସୁଗୁଡା ବିଧାୟକଙ୍କ ବିରୋଧରେ ବିଷୋଦଗାର

### ଗୋଟିଏ ଜିଲ୍ଲାର ଦୁଇ ବିଧାୟକଙ୍କ ନାହିଁ ସମନ୍ୱୟ

ବିଧାୟକ ସୁରେଶ ପୂଜାରୀଙ୍କୁ ନିଜ ଦଳର ଝାରସୁଗୁଡ଼ା ବିଧାୟକ ସମାଲୋଚନା କରିବାପରେ ଏହାକୁ ନେଇ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ସମାଲୋଚନା




କରିଥିବାବେଳେ ପୁଣି ଶୁକ୍ରବାର ସନ୍ଧ୍ୟାରେ ବ୍ରଜରାଜନଗର ମଣ୍ଡଳ ବିଜେପି ପକ୍ଷରୁ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଷୋଦଗାର କରାଯାଇଛି। ଗୋଷ୍ଠୀ କନ୍ଦଳକୁ କିପରି ଆପୋଷ ସମାଧାନ କରାଯିବ ସେନେଇ ପଦକ୍ଷେପ ନେବା ପରିବର୍ତ୍ତେ ଜିଲ୍ଲା ବିଜେପି ସଭାପତି ସାମ୍ବାଦିକ ସମ୍ମିଳନୀ କରି ନିଜ ଦଳର ବିଧାୟକଙ୍କୁ ସମାଲୋଚନା କରିବା ପ୍ରସଙ୍ଗ ଦଳୀୟ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଝାରସୁଗୁଡ଼ା ଜିଲ୍ଲା ବିଜେପି ଉପସଭାପତି ଅମରେନ୍ଦ୍ର ରାୟ ଶୁକ୍ରବାର ଏମ୍ବିଏଲ ଗେଷ୍ଟ ହାଉସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମାଲୋଚନା କରିଛନ୍ତି। ସେହିପରି ବ୍ରଜରାଜନଗର ମଣ୍ଡଳ ସଭାପତି ତପନ ସ୍ୱାଇଁ ପ୍ରତିକ୍ରିୟା ରଖି ବିଜେପି ଟିକଟରେ ବିଜୟୀ ହୋଇ ବିଜେପିର ମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହାସହିତ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିନିଧି ପଠାଇବାକୁ ନେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଆପତ୍ତି ଉଠାଇଥିବାବେଳେ କିଛିଦିନ ପୂର୍ବରୁ ଝାଡେଶ୍ୱର ମନ୍ଦିରରେ ହୋଇଥିବା କାର୍ଯ୍ୟକ୍ରମରେ ନିଜେ ଉପସ୍ଥିତ ନରହି କାହିଁକି ପ୍ରତିନିଧି ପଠାଇଥିଲେ ବୋଲି ବ୍ରଜରାଜନଗର ମଣ୍ଡଳ ସଭାପତି ତପନ ସ୍ୱାଇଁ ଟାର୍ଗେଟ କରିଥିଲେ। ଏହାସହିତ ଏପରି ନେତାଙ୍କ ବିରୋଧରେ ହାଇକମାଣ୍ଡ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚାର ସଭାପତି ପ୍ରତିଭା ପତି, ସାଧାରଣ ସମ୍ପାଦିକା ରଚନା ଅଗ୍ରୱାଲ, ସମ୍ପାଦିକା ରିଙ୍କି ସିଂହଙ୍କ ସମେତ ସବିତା ପଣ୍ଡା, ସମୀର ବଡ଼ପଣ୍ଡା, ଏକେ ଶତପଥି, କବି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବିଜେପି ମନ୍ତ୍ରୀଙ୍କ ବିରୋଧରେ ବିଧାୟକଙ୍କ ଅଭିଯୋଗ

ଝାରସୁଗୁଡ଼ା ବିଜେପି ବିଧାୟକଙ୍କ ବିରୋଧରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ବାରମ୍ବାର ସାମ୍ବାଦିକ ସମ୍ମିଳନୀରେ ବିଷୋଦଗାର, କଟୁ ସମାଲୋଚନା କରିବା ପ୍ରସଙ୍ଗ ବିଜେପିର ନୀତି ଆଦର୍ଶକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେଉଁଦଳ ସ୍ୱଚ୍ଛ ଶାସନ, ବିକାଶର ଦ୍ୱାହି ଦେଇ ରାଜ୍ୟରେ ସରକାର ଗଠନ କରିଥିଲା ଏବଂ ଝାରସୁଗୁଡା ଜିଲ୍ଲାବାସୀ ମଧ୍ୟ ଭରସାକରି ଜିଲ୍ଲାର ଉଭୟ ବିଧାନସଭା ମଣ୍ଡଳୀରେ ବିଜେପି ବିଧାୟକଙ୍କୁ ବିଜୟୀ କରିଥିଲେ କିନ୍ତୁ ଗୋଟିଏ ଦଳର ହୋଇ ପୁଣି ରାଜ୍ୟରେ କ୍ଷମତାରେ ଥାଇ ଜନସାଧାରଣଙ୍କ ବିକାଶ ପରିବର୍ତ୍ତେ ଆରୋପ ପ୍ରତ୍ୟାରୋପ ଅନେକ ଜନସାଧାରଣ, ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି। ଏପରି ସ୍ଥିତିରେ ଝାରସୁଗୁଡା ଜିଲ୍ଲାର ସାମୁହିକ ବିକାଶ କିପରି ହୋଇପାରିବ ତାହା ଏକ ବଡ଼ ପ୍ରଶ୍ନବାଚୀ।

## ବିଜେପି ମଣ୍ଡଳ ସଭାପତିଙ୍କୁ ଜିଲ୍ଲା ସଭାପତିଙ୍କ ମାନସିକ ନିର୍ଯାତନା ଅଭିଯୋଗ

ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ମଣ୍ଡଳ ସଭାପତି ଏବଂ କର୍ମୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଜିଲ୍ଲାର ଦୁଇ ହେବିୱେଟ ବିଧାୟକ ଓ ମନ୍ତ୍ରୀଙ୍କ ଅନୁଗତଙ୍କ ମଧ୍ୟରେ 'ତୁତୁ ମେ ମେ' ଚାଲିଥିବା ବେଳେ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଖନପୁର ମଣ୍ଡଳ ସଭାପତିଙ୍କ ପକ୍ଷରୁ ଜିଲ୍ଲା ବିଜେପି ସଭାପତିଙ୍କ ନାମରେ ସଂଗୀନ ଅଭିଯୋଗ ଗୋଷ୍ଠୀ କନ୍ଦଳକୁ ଆହୁରି ଘନୀଭୂତ କରିଛି। ଜିଲ୍ଲା ସଭାପତି ଲଖନପୁର ବିଜେପି ମଣ୍ଡଳ ସଭାପତୀ ଟିକେତ ସାହୁଙ୍କୁ ମଣ୍ଡଳ ସଭାପତି ପଦରୁ ଇସ୍ତଫା ଦେବାପାଇଁ ମାନସିକ ଚାପ ଦେଉଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଜାଲ ଦସ୍ତଖତ ବ୍ୟବହାର କରି ଶକ୍ତିକେନ୍ଦ୍ର ପ୍ରମୁଖ ଓ ପ୍ରଭାରିଙ୍କ ତାଲିକା ରାଜ୍ୟ କାର୍ଯ୍ୟାଳୟକୁ ପଠାଇଥିବା ଏବଂ ଏହା ସଂଗଠନ ନୀତି ବିରୋଧୀ ଓ ଅନୈତିକ କାର୍ଯ୍ୟ ବୋଲି ଅଭିଯୋଗ କରିଛନ୍ତି। ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡାଙ୍କ ବିରୋଧରେ ଅଭିଯୋଗ କରିବା ସହିତ ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁ ରାଜ୍ୟ ବିଜେପି ସଭାପତିଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

### ଗ୍ରାମରେ ପାନୀୟ ଜଳ ସଙ୍କଟ

## ଷ୍ଟାଣ୍ଡ ପୋଷ୍ଟରୁ ପାଇପ୍ ଲଗେଇ ନେଇ ଯାଉଛନ୍ତି ପାଣି

**କୋଲାବିରା, ୧୬।୫ (ସମିସ):** ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲାଗି କରିଥିବା ବିଭିନ୍ନ ଯୋଜନା ଅନେକ ସ୍ଥାନରେ ବିଫଳ ହୋଇଥିବା ନେଇ ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ କୋଲାବିରା ଗ୍ରାମର ଜମିଦାର ପଡ଼ାରେ ଦେଖିବାକୁ ମିଳିଛି। ଏଠାରେ ପାଇପ ଜଳ ଯୋଗାଣ ସତ୍ତ୍ୱେ ପଡ଼ାବାସୀ ପାନୀୟ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। ଗାଁ ମୁଣ୍ଡରେ ଓଭରହେଡ୍ ପାଣି ଟାଙ୍କି ରହିଛି। ଭୂତଳପାଣିର ଅଭାବ ସତ୍ତ୍ୱେ ଅପରେଟର ଦୁଇବେଳା ପମ୍ପ ଚଲାଇ କୌଣସି ମତେ ଟାଙ୍କି ଭର୍ତ୍ତି କରି ବସ୍ତି ଅଞ୍ଚଳକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଆସୁଛି। ମାତ୍ର ଅନେକ ଷ୍ଟାଣ୍ଡ ପୋଷ୍ଟରେ ସଠିକ୍ ମାତ୍ରାରେ ପାଣି ବାହାରୁ ନ ଥିବାରୁ ଉକ୍ତ ଷ୍ଟାଣ୍ଡ ପୋଷ୍ଟ ଉପରେ ନିର୍ଭର କରୁଥିବା ଲୋକେ ଜଳକ୍ଲିଷ୍ଟର ସମ୍ମୁଖୀନ ହେବାର ଅଭିଯୋଗ ଆଣିଛନ୍ତି। ବସ୍ତି ଅଞ୍ଚଳେର ଥିବା ସମସ୍ତ ଷ୍ଟାଣ୍ଡ ପୋଷ୍ଟକୁ ସମାନ ପରିମାଣରେ ଜଳ ଯୋଗାଣ ହେଉଥିବା ବେଳେ କେତେକ ଷ୍ଟାଣ୍ଡ ପୋଷ୍ଟରେ କିଛି ଲୋକ ପାଇପ ଲଗେଇ ନିଜଘରକୁ ପାଣି ଟାଣି ନେଉଛନ୍ତି, ଫଳରେ ଅନ୍ୟପୋଷ୍ଟରେ ସଠିକ ପରିମାଣରେ ପାଣି ବାହାରୁନଥିବା ଅଭିଯୋଗ ହୋଇଛି। ଏପରିକି ପାଇପ ଯୋଗେ ପାଣି ନେଇ ସେଥିରେ ଗାଧୁଆ, କପଡ଼ା ସଫା କରିବା ଆଉ ଅବଶିଷ୍ଟ ସମୟରେ ପାଣିକୁ ବାଡି ବଗିଚାରେ ବ୍ୟବହାର କରୁଥିବା ନେଇ ଅଭିଯୋଗ କରିଛନ୍ତି ପାଣି ବ୍ୟବହାର କରୁଥିବା ପଡ଼ାର ଅନ୍ୟ ମହିଳା। ଏହି ଘଟଣା ଦେଖିବାକୁ ମିଳିଛି ଜମିଦାରପଡ଼ା ସ୍ଥିତ ଦୁଇଟି ଏବଂ କୁମ୍ଭାର ପଡ଼ା ସ୍ଥିତ ଦୁଇଟି ଷ୍ଟାଣ୍ଡ ପୋଷ୍ଟରେ। ପଞ୍ଚାୟତ କର୍ମଚାରୀଙ୍କ ସହାୟତାରେ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରି ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ।

### ଜିଲ୍ଲା ବାହାର ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ ଦାୟିତ୍ୱର ପ୍ରତିବାଦ

## କାମ ବନ୍ଦ କରାଇଲା 'ସି'-କ୍ଲାସ୍ ଠିକାଦାର ସଂଘ

**ଦେବଗଡ଼, ୧୬।୫(ସମିସ):** ବାରକୋଟ ବ୍ଲକ ଆମ୍ବଗାଁସିନ୍ଧା ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା ପାଖରେ ଆଜି କ୍ରାସ୍ ବେରିୟର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବା ବେଳେ ଦେବଗଡ଼ ଜିଲ୍ଲା 'ସି' କ୍ଲାସ୍ ଠିକାଦାର ସଂଘ ପକ୍ଷରୁ ଏହାକୁ ବନ୍ଦ କରାଯାଇଛି। ଉକ୍ତ କାର୍ଯ୍ୟର ନିର୍ମାଣ ଦାୟିତ୍ୱ ଦେବଗଡ଼ ଜିଲ୍ଲାର ଠିକାଦାରଙ୍କୁ ଦିଆ ନ ଯାଇ ଅନ୍ୟ ଜିଲାର ଠିକାଦାରଙ୍କ ଦ୍ୱାରା କରାଯାଉଥିବାରୁ ଜିଲ୍ଲା 'ସି' କ୍ଲାସ ଠିକାଦାର ସଂଘ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ)ପକ୍ଷରୁ ଦେବଗଡ଼-ସୁନ୍ଦରଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜିଲ୍ଲା ବାହାର ଠିକାଦାରଙ୍କ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବା ଜଣାପଡ଼ିଥିଲା। ଫଳରେ ସ୍ଥାନୀୟ ଠିକାଦାରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା 'ସି' କ୍ଲାସ୍ ଠିକାଦାର ସଂଘ ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା। ସଂଘପକ୍ଷରୁ ପ୍ରତିନିଧି ଭାବେ ଦେବେଶ କୁମାର କପରଦାର, ଅବିନାଶ ପ୍ରଧାନ ଓ ପ୍ରତାପ ଦେବଙ୍କ ସମେତ ବହୁ ସଦସ୍ୟ ସେଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରିବାକୁ ସମ୍ପୃକ୍ତ ଜିଲ୍ଲା ବାହାରର ଠିକା ସଂସ୍ଥାର କର୍ମଚାରୀମାନଙ୍କୁ ମନା କରାଯାଇଥିଲା।

ଏଠାରେ ସୂଚନା ଯୋଗ୍ୟ ଯେ, ଦେବଗଡ଼ ଜିଲ୍ଲାରେ



ବାହାର ଜିଲ୍ଲାର ଠିକାଦାରଙ୍କ ଅବାଧ ପ୍ରବେଶ ଯୋଗୁଁ ଜିଲ୍ଲାର ଠିକାଦାରଙ୍କୁ କାମ ମିଳୁନଥିବା ବେଳେ ବାହାର ଜିଲ୍ଲାର ଠିକାଦାର ଆସି ଲେସ୍ରେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ଫଳରେ ଜିଲ୍ଲାର ଠିକାଦାର ସମସ୍ୟାର ସମ୍ମୁଖୀନ ହେବା ସହ ନିର୍ମାଣକାର୍ଯ୍ୟ ମଧ୍ୟ ନିମ୍ନମାନର ହେଉଛି। ଦେବଗଡ଼ ଜିଲ୍ଲାରେ ବାହାର ଜିଲ୍ଲାର ଠିକାଦାରଙ୍କ ଅବାଧ ପ୍ରବେଶ ଯୋଗୁଁ ଜିଲ୍ଲାର ଠିକାଦାରଙ୍କୁ କାମ ମିଳୁନଥିବା ବେଳେ ବାହାର ଜିଲ୍ଲାର ଠିକାଦାର ଆସି ଲେସ୍ରେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ଫଳରେ ଜିଲ୍ଲାର ଠିକାଦାର ସମସ୍ୟାର ସମ୍ମୁଖୀନ ହେବା ସହ ନିର୍ମାଣକାର୍ଯ୍ୟ ମଧ୍ୟ ନିମ୍ନମାନର ହେଉଛି। ଦେବଗଡ଼ ଜିଲ୍ଲାରେ ରୋଜଗାରର କୌଣସି ମାଧ୍ୟମ ନଥିବା ବେଳେ ଜିଲ୍ଲାର ଶିକ୍ଷିତ ଯୁବକ ନିଯୁକ୍ତି ନପାଇ ଠିକାଦାରୀକୁ ବୃତ୍ତି ଭାବେ ଗ୍ରହଣ କରୁବାକୁ ମାଧ୍ୟ ହେଉଛନ୍ତି। ମାତ୍ର ବାହାର ଜିଲ୍ଲାର ଠିକାଦାରଙ୍କ ପ୍ରବେଶ ଯୋଗୁଁ ସ୍ଥାନୀୟ ଠିକାଦାର ମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଏହାର ସମାଧାନ ପାଇଁ ବାହାର ଜିଲ୍ଲା ଠିକାଦାରଙ୍କୁ ଦେବଗଡ଼ ଜିଲ୍ଲାରେ ଠିକା କାମ ନ କରିବା ଏବଂ ଜିଲ୍ଲାର ସମସ୍ତ 'ସି' କ୍ଲାସ ଠିକାଦାର ସିଡ୍ୟୁଲ ରେଟରେ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାକୁ ସଙ୍ଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏଥିସହ ବାହାର ଜିଲ୍ଲାର ଠିକାଦାରଙ୍କୁ ଅନୁକମ୍ପା ନଦେଖାଇବା ନିମନ୍ତେ ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ)ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ପୂର୍ବରୁ ଲିଖିତ ଭାବେ ନିବେଦନ କରାଯାଇଥିଲା।

## ଯୁବକଙ୍କ ଅକାଳ ବିୟୋଗ

**କୋଲାବିରା, ୧୬।୫ (ସମିସ):** କୋଲାବିରା ଉପରପଡ଼ାର କୈଳାସ ଭଞ୍ଜ (୪୨)ଙ୍କ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅକାଳବିୟୋଗ ଘଟିଛି। କୋଲାବିରା ଗ୍ରାମସର ବାସିନ୍ଦା କୈଳାଶଙ୍କ ସ୍ତ୍ରୀ ବୁର୍ଲା ବଡ଼ ଡାକ୍ତରଖାନାରେ ନର୍ସ ଭାବରେ କାର୍ଯ୍ୟରତ ଏବଂ ସେ ନିଜେ ମଧ୍ୟ ଡାକ୍ତରଖାନାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। କୌଣସି କାରଣରୁ ଗୋଡ଼ର ଶିରା କଟିଯାଇ ସଂକ୍ରମଣ ହୋଇଥିବାରୁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ତାଙ୍କର ମରଶରୀର କୋଲାବିରା ସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଗ୍ରାମବାସୀ ଶେଷଦର୍ଶନ କରିଥିଲେ। ନିକଟସ୍ଥ ବାଲିଜୋରୀ ନାଲା ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲେ। ସେ ଅବସରପ୍ରାପ୍ତ ଶିକ୍ଷକ ତଥା ଜଣା ଜଣାଶୁଣା ସମାଜସେବୀ ସ୍ୱର୍ଗତ ସୁଦନ ଭଞ୍ଜଙ୍କ ସାନ ପୁଅ। ଘରେ ତାଙ୍କର ସ୍ତ୍ରୀଙ୍କ ସହ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ମାଆଙ୍କ ସହ ବଡ଼ଭାଇ କ୍ଷୀରସାଗର, ତରଣି ଓ କ୍ଷୀରୋଦ ପରିବାରରେ ଘରେ ଅଛନ୍ତି।

## ୨୯ରେ ଲଇକେରା ଓ କିର୍ମିରା ଆଇଟିଡିଏ ବ୍ଲକ ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା, ୧୬।୫ (ସମିସ):** ସମ୍ମିଳିତ ଆଦିବାସୀ ସମାଜର ସଭାପତି ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳନ ହେବାକୁ ଯାଉଥିବା ଲଇକେରା ଓ କିର୍ମିରା ଆଇଟିଡିଏ ବ୍ଲକ ପ୍ରତିଷ୍ଠା ଦିବସର ପ୍ରସ୍ତୁତି ସଭା ଝାରସୁଗୁଡ଼ା ପିଡବ୍ଲୁଡିଆଇବି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଆସନ୍ତା ୨୯ ତାରିଖ ଶୁକ୍ରବାର ସକାଳ ୧୦ଟା ସମୟରେ ଜିଲ୍ଲା ସଂସ୍କୃତି ଭବନ ବେହେରାମାଲ ଠାରେ ପାଳିତ ହେବ। ଏହି ସଭାରେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଓଡ଼ିଶାର ମହାନ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୮୦% ରୁ ଉର୍ଦ୍ଧ୍ୱ ମାର୍କ ରଖି ମାଟ୍ରିକ ପାସ୍ କରିଥିବା ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ସମ୍ବର୍ଦ୍ଧିତ ହେବେ। ଏହି ସଭାରେ ସମ୍ମିଳିତ ଆଦିବାସୀ ସମାଜର ଉପସଭାପତି ସବିତା ପ୍ରଧାନ, ସଚିବ ଅଶୋକ କୁମାର ମାଝୀ, କୋଷାଧ୍ୟକ୍ଷ ବିନୋଦ ବିହାରୀ ବାଗ, ଉପଦେଷ୍ଟା ଚିହ୍ନିରୁ ଭୋଇ, ହୁକୁମ ସିଂହ, ସେବତୀ ବାଗ ଗଙ୍ଗାଧର ଭୋଇ, ଧର୍ମେନ୍ଦ୍ର କିସାନ, ବିରେନ ମରେଇ ପ୍ରମୁଖ ଉପସ୍ଥିତ ଥିଲେ।

### ଇବ ନଦୀରୁ କମ୍ପାନୀ ପାଣି ନେବା ପ୍ରସଙ୍ଗ

# ପ୍ରତିଶ୍ରୁତି ପରେ ଧାରଣାରୁ ୭୨ ଘଣ୍ଟା ପାଇଁ ଓହରିଲେ

**ଝାରସୁଗୁଡ଼ା, ୧୬।୫(ସମିସ)**

ଯେଉଁ କମ୍ପାନୀ ଦିନେ ଚାକିରି ଓ ବିକାଶର ଦିବା ସ୍ୱପ୍ନ ଦେଖାଇ ଏଠିକାର ଜନସାଧାରଣଙ୍କ ଠାରୁ ଜମିନେଇ କାରଖାନା ପ୍ରତିଷ୍ଠା କରିଥିଲା ସେହି କମ୍ପାନୀ ଏବେ ବେଆଇନ ପାଣି ଉଠାଇବା ବିରୋଧରେ ସ୍ଥାନୀୟ ଜନସାଧାରଣ ଗତ ତିନିଦିନ ଧରି ଧାରଣା ଓ ଆନ୍ଦୋଳନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକସ୍ଥିତ ମରାକୁଟାଠାରେ ଥିବା ଓଡ଼ିଶା ମେଟାଲିକ କମ୍ପାନୀ ସମ୍ମୁଖରେ ମରାକୁଟା, ଜମେରା, ଏଚ୍ କଣ୍ଟାପାଲି ତଥା ବ୍ରଜରାଜନଗର ପୌର ପରିଷଦର ଜନସାଧାରଣ ଓ ଗ୍ରାମବାସୀ ଓଡ଼ିଶା ମେଟାଲିକ କମ୍ପାନୀର ମନମୁଖୀ ଭାବରେ ଇବ୍‌ନଦୀରୁ ବେଆଇନ ପାଣି ଉଠାଇବା ସହିତ ଅନ୍ୟାନ୍ୟ ଅଭିଯୋଗରେ ଗତ ତିନିଧରି ଧାରଣା



ଦେଇଥିଲେ। ଶୁକ୍ରବାର ରାତିରେ ପ୍ରଶାସନ ପକ୍ଷରୁ ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଧାରଣାକାରୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଆଲୋଚନା କରି ୭୨ ଘଣ୍ଟା ମଧ୍ୟରେ କମ୍ପାନୀ ସମସ୍ତ ଅଭିଯୋଗ ଉପରେ ନିଜର ପକ୍ଷ ରଖିବା ଏବଂ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଧାରଣାକାରୀ ମାନେ ଶୁକ୍ରବାର ରାତିରେ ଧାରଣାରୁ ୭୨ ଘଣ୍ଟା ପାଇଁ ନିବୃତ୍ତ ହୋଇଛନ୍ତି। ଯେ ଯଦି ଓଡ଼ିଶା ମେଟାଲିକ କମ୍ପାନୀକୁ ଜିଲ୍ଲା ପ୍ରଶାସନ ୭୨ ଘଣ୍ଟା ପରେ ପାଣି ଉଠାଇବା ପାଇଁ ଅନୁମତି ଦିଅନ୍ତି, ତାହାହେଲେ ଇବନଦୀ କୂଳରେ ଥିବା ମରାକୁଟା, ଜମେରା, ଏଚ୍ କଣ୍ଟାପାଲି ପଞ୍ଚାୟତ ସହିତ ବ୍ରଜରାଜନଗର ପୌରପରିଷଦର ୫୦ଟି ଗ୍ରାମବାସୀ ବହୁ ଜଳକଷ୍ଟ ଶିକାର ହେବେ, ଯାହାକୁ ନେଇ ଅଞ୍ଚଳରେ ଲୋକଙ୍କ ମନରେ ଭୟ ସୃଷ୍ଟି ହେଲାଣି।

### ସମାଧାନ ନହେଲେ ପୁଣି ଆନ୍ଦୋଳନ

ଅନ୍ୟପକ୍ଷ ରେ ମରାକୁଟା, ଜମେରା, ଏଚ କଣ୍ଟାପାଲି ଓ ବ୍ରଜରାଜନଗର ପୌର ପରିଷଦର ଜନ ପ୍ରତିନିଧି ଓ ଜନସାଧାରଣ କହିଛନ୍ତି ଯେ ଯଦି ଜିଲ୍ଲା ପ୍ରଶାସନ ଓଡ଼ିଶା ମେଟାଲିକ କମ୍ପାନୀକୁ ଇବ ନଦୀର ପାଣି ବ୍ୟବହାର କରିବାକୁ ଦିଅନ୍ତି, ତା'ହେଲେ କମ୍ପାନୀ ସମ୍ମୁଖରେ ପୁଣି ଧାରଣା ଜାରି ରହିବ।

## ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଜୟନ୍ତୀ

**ଦେବଗଡ଼, ୧୬।୫(ସମିସ):** ଜିଲ୍ଲା ସଂସ୍କୃତି ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ମିଳିତ ସହଯୋଗରେ ରାଜା ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଜୟନ୍ତୀ ଉପଲକ୍ଷେ ଏକଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ



ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ଡ. ଭାରତ ଭୁଷଣ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଲ ସିଂ, ସମ୍ମାନିତ ଅତିଥିଭାବେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ବିଶିଷ୍ଟ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ସମ୍ମାନିତ ବକ୍ତାଭାବରେ କଟକ ଜିଲ୍ଲା ଆଡଶପୁରସ୍ଥିତ ଉଦୟ ନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପକ ବିରଞ୍ଚି କୁମାର ସାହୁ, ସୁସାହିତ୍ୟିକ ଓ ସମାଜ ସେବୀ ତନ୍ମୟ ବାରିକ୍, ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସାହିତ୍ୟିକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଆଲୋଚନା ଚକ୍ରରେ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଭୂମିକା ଉପରେ ଅତିଥିମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉତ୍ସବ ପ୍ରଧାନପାଟ ୨୦୨୬ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ କବି ସମ୍ମିଳନୀର କବିତା ସଂକଳନ ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ ନାଗରିକ ସୁଧୀର କପରଦାର, ମିତ୍ରଭାନୁ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ହେମନ୍ତ ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ଅବନିକାନ୍ତ ମିଶ୍ରଙ୍କ ସମେତ ବହୁ କଳାକାର, ସାହିତ୍ୟିକ ଏବଂ କବି ଓ କବୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ଦାସ ସଂଯୋଜନା କରିଥିଲେ।

